**ଶ୍ରୀରାମ ନବମୀ ମହୋତ୍ସବ**

# ୫୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା ଓ ଆଜ୍ଞାମାଳ ଯାତ୍ରା



ଭଦ୍ରକ, ୧୫।୪(ସମିସ)

ଶ୍ରୀରାମ ମହାଯଜ୍ଞ ସମିତି ଭଦ୍ରକ ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଚଳିତ ବର୍ଷ ରୀତିନୀତି ଅନୁଯାୟୀ ଆଜି କଳସ ଶୋଭାଯାତ୍ରା, ଆଜ୍ଞାମାଳ ଅଣାଯିବା କାର୍ଯ୍ୟ ସହିତ ଯଜ୍ଞ କର୍ମ ଆରମ୍ଭ ହୋଇଛି। ପୂର୍ବାହ୍ନରେ ତିନୋଟି ଆଧ୍ୟାତ୍ମିକ ସ୍ଥଳୀ ଆରଡ଼ି ବାବା ଆଖଣ୍ଡଳମଣି, ଯାଜପୁର ମା' ବିରଜା ଓ ମା' ଭଦ୍ରକାଳୀଙ୍କ ପୀଠରୁ ଶତାଧିକ ଭକ୍ତଙ୍କୁ ନେଇ ଆଜ୍ଞାମାଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶ୍ରୀରାମ ନବମୀ ମହାଯଜ୍ଞ ନିମନ୍ତେ ସହରର ବାବା ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞାରମ୍ଭ ହୋଇଥିଲା। ଅପରାହ୍ନ ୪ଟାରେ ୫ ହଜାର ସଂଖ୍ୟାରେ ମହିଳାମାନେ ଗାନ୍ଧୀ ପଡ଼ିଆ ଯଜ୍ଞସ୍ଥଳରୁ ବାହାରି ଅଞ୍ଚଳ ଗ୍ରାମ ହୋଇ ସାଳନ୍ଦୀ ନଦୀ ଘାଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜା ପରେ ମହିଳାମାନେ ଘଟୋତ୍ତଳନ କରିଥିଲେ। ପରେ ଶୋଭାଯାତ୍ରାରେ ବନ୍ତ ଛକ, ଅପରବିନ୍ଦା ଛକ, କଚେରୀ ବଜାର, ଟାଉନହଲ ଛକ, ନୂଆବଜାର ହୋଇ ଗାନ୍ଧୀ ପଡ଼ିଆକୁ ଫେରିଥିଲେ। ଯଜ୍ଞ ମଣ୍ଡପରେ ରୀତିନୀତି ମୁତାବକ ପୂଜାକର୍ମ ଆରମ୍ଭ କରାଯାଇଛି। ଆଜିଠାରୁ ଏହି ପୂଜା ଯଥା, ରାମ ନବମୀ ଯଜ୍ଞ, ହନୁମାନ ଚାଳିଶା ପାଠ ଆଦି ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଯଜ୍ଞ କର୍ମରେ କର୍ମକର୍ତ୍ତା ଭାବେ ସନାତନ ସାହୁ, ଅମ୍ବିକାପ୍ରସନ୍ନ ଦାସ, ସନ୍ତୋଷ ସାହୁ, ରବି ସାହୁ ସହାୟକ ସଙ୍ଗରେ କରିଛନ୍ତି। ଆଜି ବାବା ଆଖଣ୍ଡଳମଣିଙ୍କ ପୀଠରୁ ବରିଷ୍ଠ ସମାଜସେବୀ କିଶୋର ନାୟକ, ବିରଜା କ୍ଷେତ୍ରରୁ ଅମୂଲ୍ୟ ସେଠୀ, ଭଦ୍ରକାଳୀଙ୍କ ପୀଠରୁ ଡାକ୍ତର ପ୍ରଦୀପ ନାୟକ ଓ ଅନିଲ ବେହେରାଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଥିବା ବେଳେ ମହିଳାଙ୍କ କଳସ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଓ ବ୍ଲକ ସ୍ତରର ମହିଳା ନେତୃତ୍ୱମାନେ ବିଭିନ୍ନ ବିଭାଗର ଦାୟିତ୍ୱ ନିର୍ବାହ କରିଥିଲେ। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ, ଅଭିମନ୍ୟୁ ସେଠୀ, ଦୀନବନ୍ଧୁ ପତି, ପ୍ରାପ୍ତ ବିଶ୍ୱାଳ, ରଘୁନାଥ ସାହୁ, ଡ.ଦେବରାଜ ପାତ୍ର, ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହକୋଷାଧ୍ୟକ୍ଷ ଶିବଶଙ୍କର ଦାସ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଉପସଭାପତି ଜଗନ୍ନାଥ ଦାଶ, କହ୍ନେଇ ଚରଣ ଦାସ, ତ୍ରିଲୋଚନ ନାୟକ କଳସ ଶୋଭାଯାତ୍ରାର ସଂଯୋଜକ ସୁବ୍ରତ ନାୟକ, ଶ୍ରୀଧର ସ୍ୱାଇଁ, ଭାଗବତ ବାରିକ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

## ଖୋଲିଲା ଜଳଛତ୍ର ସେବା କେନ୍ଦ୍ର



'ସକାଳ'ର ପ୍ରଭାବ

**ଧାମନଗର, ୧୫।୪(ସମିସ):** ଧାମନଗରର ଏନ୍ଏସି ତରଫରୁ ବିଭିନ୍ନ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳଛତ୍ର ସେବା କେନ୍ଦ୍ର ଖୋଲିଛି। ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଯୋଗୁଁ ଲୋକମାନେ ହଇରାଣ ହେଉଥିବା ବେଳେ ଧାମନଗର ବ୍ଲକ ଓ ଏନଏସି ପ୍ରଶାସନ ତରଫରୁ କୈଣସି ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରାଯାଇନଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରି ବିଭିନ୍ନ ପଞ୍ଚାୟତ ଓ ସହରାଞ୍ଚଳରେ ଜଳଛତ୍ର ସେବା କେନ୍ଦ୍ର ଖୋଲାଯାଇଛି। କେତେକ ସ୍ଥାନରେ ଦହିସର୍ବତ ଓ ଥଣ୍ଡା ପାଣି ବଣ୍ଟନ ବ୍ୟବସ୍ଥା କରାଯାଇଛି।

## କୈବର୍ତ୍ତ ସମାଜର ଆମ୍ବେଦକର ଜୟନ୍ତୀ

**ଭଣ୍ଡାରିପୋଖରୀ, ୧୫।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା କୈବର୍ତ୍ତ ଭବନରେ କୈବର୍ତ୍ତ ସମାଜ ଆନୁକୂଲ୍ୟରେ ରବିବାର ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା କୈବର୍ତ୍ତ ସମାଜ ସଭାପତି ରମେଶ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡ.ରବିନାରାୟଣ ବେହେରା ମୁଖ୍ୟ ଅତିଥି, ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ଉପସଭାପତି ଜଗନ୍ନାଥ ମାଝୀ ମୁଖ୍ୟବକ୍ତା, ପୂର୍ବତନ ଜିଲ୍ଲା ସଭାପତି ପଦ୍ମଲୋଚନ ଦାସ, ସରପଞ୍ଚ ରଞ୍ଜନ ପରିଡ଼ା, କୁଳମଣି ପରିଡ଼ା, ପୂର୍ବତନ ସରପଞ୍ଚ ତଥା ଜିଲ୍ଲା ଅନୁସୂଚିତ ଜାତି ଜନଜାତି ସଭାପତି ପ୍ରମୋଦ ସୂତାର, ଘୋଡାନାଚ ଗାୟକ ଉମାକାନ୍ତ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରମୁଖ ଯୋଗଦେଇ ଦଳିତ ସମାଜର ସଂସ୍କାର, ସ୍ୱାଭିମାନ ଓ ଅଧିକାର ପାଇଁ ବାବାସାହେବ ଦେଓରସ ଆମ୍ବେଦକରଙ୍କ ଜୀବନବ୍ୟାପୀ ସଂଗ୍ରାମ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା କୈବର୍ତ୍ତ ସଭା ସମ୍ପାଦକ ରାଜକିଶୋର ବେହେରା, ବିଜେପି ନେତା କରୁଣାକର ମାଝୀ, ମୋଟରଙ୍ଗାପାଳରୁ ବିନୋଦ ପରିଡ଼ା, ପର୍ଶୁରାମ ପରିଡ଼ାଙ୍କ ସମେତ ଭଦ୍ରକ ଓ ଯାଜପୁର ଜିଲ୍ଲା କୈବର୍ତ୍ତ ସମାଜ ।ଇଭଉଣୀମାନେ ଉପସ୍ଥିତ ଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରୁକ୍ମଣୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଁ ଗାଁରେ ଘଣ୍ଟ ପାଟୁଆ



**ବାରିକପୁର, ୧୫।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗାଁରେ ଘଣ୍ଟ ପାଟୁଆଙ୍କ ପରିଭ୍ରମଣ ଏକ ପ୍ରକାର ଆଧ୍ୟାତ୍ମିକ ମୟ ପରିବେଶ ସୃଷ୍ଟି କରିଛି। ଚଇତ୍ର ମାସ ଠାରୁ ଓଡ଼ିଆ ନବ ବର୍ଷ ପଣା ସଂକ୍ରାନ୍ତି ପରବର୍ତ୍ତୀ ବୈଶାଖୀ ମାସ ଯାଏଁ ଗାଁ ଗାଁରେ ଘଣ୍ଟ ପାଟୁଆଙ୍କୁ ଦେଖିବାକୁ ମିଳିଥାଏ। ବିଶେଷ କରି କାକଟପୁର ମଙ୍ଗଳା ପୀଠ ଓ ଘଟଗାଁ ତାରିଣୀ ପୀଠରୁ ଆଜ୍ଞାଧାରୀ ଭକ୍ତ ମାନେ ଏହି ଦୁଇମାସ ପ୍ରତ୍ୟକ ଗାଁକୁ ପରିଭ୍ରମଣରେ ଆସିଥାନ୍ତି। ପ୍ରତ୍ୟକ ଗୃହସ୍ଥଙ୍କ ଦାଣ୍ଡରେ ଘଣ୍ଟ ବଜାଇ ଘଣ୍ଟ ପାଟୁଆ ମାନେ ମାଙ୍କୁ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁ ମାନଙ୍କୁ ନିମନ୍ତ୍ରଣ କରିଥାନ୍ତି। ଘରର ମହିଳା ମାନେ ଗୋବର ପାଣିରେ ଲିପା ପୋଛା କରିବା ସହ ଦହି, କ୍ଷୀର, ଛେନା, ଧୂପ, ନୈବିଦ୍ୟରେ ଘଣ୍ଟ ପାଟୁଆଙ୍କ ଦ୍ୱାରା ଆସିଥିବା ମାଙ୍କ ବିଶେଷ ମୂର୍ତ୍ତିକୁ ପୂଜାର୍ଚ୍ଚନା କରିଥାନ୍ତି। ଗାଁ ଗାଁରେ ଏଭଳି ଘଣ୍ଟ ପାଟୁଆ ପୂଜାର୍ଚ୍ଚନା ବର୍ଷ ବର୍ଷ ଧରି ଲାଗି ରହିଛି। ଯେଉଁଥିପାଇଁ ପ୍ରତ୍ୟକ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେଉଛି।

● ଭଦ୍ରକ ଜିଲ୍ଲାର ୫ ବିଧାନସଭା ଆସନ

## ୩ ପ୍ରାର୍ଥୀ ପରିବର୍ତ୍ତନ କଲା କଂଗ୍ରେସ

**ଭଦ୍ରକ, ୧୫।୪(ସମିସ):** ଗତ ଶନିବାର ଭଦ୍ରକ ସଂସଦୀୟ କ୍ଷେତ୍ର ଲାଗି କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ରବିବାର ରାତିରେ ଭଦ୍ରକ ଜିଲାର ୫ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା ହୋଇଛି। ୫ରୁ ୩ଟି ବିଧାନସଭା କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନ କରିଛି। ଚାନ୍ଦବାଲି ଆସନରୁ ଗତଥର ଦିଗମ୍ବର ଦାସ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସ୍ଥାନରେ ଅମୀୟ ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି ଦଳ। ଅମୀୟ ଗତ ୨୦୦୯ ଓ ୨୦୧୪ରେ ଏହି ଆସନରୁ ପ୍ରାର୍ଥୀ ହୋଇ ଦ୍ୱିତୀୟସ୍ଥାନରେ ଥିଲେ। ସେହିଭଳି ଧାମନଗର ଆସନରେ ୨୦୧୯ ରେ ବିଦ୍ୟାଧର ଯେନାଙ୍କୁ ପ୍ରାର୍ଥୀ କରିଥିଲା କଂଗ୍ରେସ। ଏଥରକ ବିଦ୍ୟାଧରଙ୍କ ବଦଳରେ ରଞ୍ଜନ କୁମାର ବେହେରା ବେହରାଙ୍କୁ ପ୍ରାର୍ଥୀ କରାଯାଇଛି। ଯୁବ ସମାଜସେବୀ ତଥା ଦଳିତ ସେଲର ଆବାହକ ରଞ୍ଜନ କୁମାର ବେହେରା ଏଥର ନୂଆ ମୁହଁ ଭାବେ ନିର୍ବାଚନ ଲଢ଼ିବେ। ଅନୁରୂପ ଭାବେ ଭଦ୍ରକ ବିଧାନସଭା ଆସନରୁ ଗତ ନିର୍ବାଚନ ରେ ପ୍ରାର୍ଥୀ ହୋଇଥିବା ନଳିନୀକାନ୍ତ ମହାନ୍ତିଙ୍କ ବଦଳରେ ଏଥରକ ନିକଟରେ ବିଜେଡିରୁ ଆସିଥିବା ଯୁବନେତା ଅସିତ ପଟ୍ଟନାୟକଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଏଥରକ ମଧ୍ୟ ଭଣ୍ଡାରିପୋଖରୀରୁ ଲଢ଼ିବାକୁ ଯାଉଥିବା ବେଳେ ବାସୁଦେବପୁର ଆସନ ଲାଗି ଦ୍ୱିତୀୟଥର ଲାଗି ଅଶୋକ ଦାସ କଂଗ୍ରେସ ଟିକଟରେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି।

## ବଳଦେବଜୀଉ ପୀଠ ଦର୍ଶନ କଲେ ସଞ୍ଜୀବ



**ବାରିକପୁର/ମଞ୍ଜୁରୀରୋଡ, ୧୫।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ସ୍ଥିତ ବଳଦେବଜୀଉ ପୀଠରେ ଆଜି ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି। ଆଜି ସକାଳେ ଶ୍ରୀ ମଲ୍ଲିକ ପୀଠରେ ପହଞ୍ଚିବା ପରେ ବ୍ଲକ ଅଧକ୍ଷା ସୁମତି ସେଠି ଓ ସରପଞ୍ଚ ସୁଜାତା ସାହୁ ତାଙ୍କୁ ପୁଷ୍ପଗୁଛ ଦେଇ ସ୍ୱାଗତ କରିଥିଲେ। ପରେ କର୍ମୀ ମାନଙ୍କ ସହିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହା ସହିତ ପୀଠର ରକ୍ଷାକାଳୀ ମନ୍ଦିରକୁ ଯାଇ ଦେବୀ ଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ବ୍ଲକ ଉପାଧ୍ୟକ୍ଷ ପ୍ରଣତିକାନ୍ତି ସାମଲ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଯୁବ ନେତା ଶୁଶାନ୍ତ ମଲ୍ଲିକ, ପ୍ରତ୍ୟୁଷ ସାମଲ, ମୋହନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ମଧ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମାଳଦା, ବିଷ୍ଣୁପୁର, ନେରଡ଼ା, ରାଜେନ୍ଦ୍ରପୁର, ନାଆମୀ ପ୍ରମୁଖ ସ୍ଥାନର ଦେବାଦେବୀ ପୀଠ ପରିଦର୍ଶନ କରିଛନ୍ତି।

## କୋର୍କରା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଭଦ୍ରକ, ୧୫।୪(ସମିସ):** ଭଦ୍ରକ ବ୍ଲକ ଅଧୀନ କୋର୍କରା ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ପ୍ରଧାନଶିକ୍ଷକ ପ୍ରମୋଦ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ଗୋଷ୍ଠୀଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ଭଦ୍ରକ ସରକାରୀ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଆନନ୍ଦବଜାର ହାଇସ୍କୁଲ ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, ସିଆରସିସି ମୈଉଦ୍ଦିନ ଖାଁ, ଅଭୟନାଥ ଲେଙ୍କା, ପ୍ରଧାନଶିକ୍ଷକ ଧିଳେଶ୍ୱର ସାହୁ, ଶିକ୍ଷୟିତ୍ରୀ ସୁକାନ୍ତି ମିଶ୍ର, ପ୍ରଧାନଶିକ୍ଷକ ଭୀମଚରଣ ପରିଡ଼ା, ଶିକ୍ଷାବିତ ଭାସ୍କର ଚନ୍ଦ୍ର ନାୟକ, ପ୍ରଧାନଶିକ୍ଷକ ନିରଞ୍ଜନ ସେଠୀ, ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା ଧଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ଉତ୍ସବରେ ୩୩ଟି ବିଭାଗରେ ୧୦୧ ଜଣ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ନିମନ୍ତ୍ରିତ ଅତିଥି ଓ ଏସଏମସିର ସଭ୍ୟ ସଭ୍ୟାମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ପିଲାମାନେ ବିଭିନ୍ନ ନୃତ୍ୟ, ସଂଗୀତ, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସୁମଲତା ମୈକାପ, ଚନ୍ଦ୍ରିକା ପାଢ଼ୀ, ଚିତରଞ୍ଜନ ସାହୁ, ଗୀତାଞ୍ଜଳୀ ସେଠୀ, ନିବେଦିତା ନାୟକ, ଭାରତୀ ତ୍ରିପାଠୀ, ଶକୁନ୍ତଳା ନାୟକ ଓ ମୋନାଲିସା ପରିଡ଼ା ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ଶେଷରେ ଏସ.ଏମ.ସି.ର ସଭାପତି ଚନ୍ଦ୍ରଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ଅସୁରାଳି, ୧୫।୪(ସମିସ):** ଧାମନଗର ବ୍ଲକ କାଶୀମପୁର ସମିତିସଭ୍ୟ ଜ୍ୟୋତିରାଜ ନାୟକଙ୍କ ପିତା ତଥା ଆଦର୍ଶ ଶିକ୍ଷକ ସ୍ୱର୍ଗତ ପ୍ରସନ୍ନ ନାୟକଙ୍କ ଏକାଦଶ କ୍ରିୟା ଓ ସ୍ମୃତି ଚାରଣ ସଭା ଧିରେନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡା.ସଞ୍ଜୟ ଦାସ, ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ ଓ ସାରଦା ପ୍ରସନ୍ନ ସାହୁ, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦିପ ସ୍ୱାଇଁ, ଦୟାନିଧି ମିଶ୍ର, ଭାରତବିଜୟ ଦଳେଇ, ଜ୍ୟୋତିରାଜ ନାୟକ ଓ ପରିବାର ବର୍ଗଙ୍କ ସମେତ ବହୁ ପ୍ରସନ୍ନ ପ୍ରେମୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ତାଙ୍କର ଜ୍ୟେଷ୍ଠ ପୁତ୍ର ଲିଙ୍ଗରାଜ ନାୟକ ଧନ୍ୟବାଦ୍ ଜଣାଇ ଥିଲେ।

## ବାସନ୍ତିଦୁର୍ଗା ପୂଜା ଉତ୍ସବ

**ବାରିକପୁର, ୧୫।୪(ସମିସ):** ଭଣ୍ଡାରିପୋଖରୀ ବଜାର ସମେତ ଆଖୁଆପଦା ଆନିକଟ ଠାରେ ବାର୍ଷିକ ବାସନ୍ତିଦୂର୍ଗା ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ବୈତରଣୀ କୂଳ ଆନିକଟ ଠାରେ ୫ ଦିନ ଧରି ଆୟୋଜନ ହୋଇଥିବା ପୂଜାରେ ପ୍ରଦୀପ୍ତ ବାରିକ ଓ ରଞ୍ଜିତା ବାରିକ ସଂକଳ୍ପ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ପୂଜକ ସୀତାକାନ୍ତ ମିଶ୍ରଙ୍କ ଦ୍ୱାରା ଘଟ ଉତୋଳନ ହୋଇ ସାରିବା ପରେ ମାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଛି। ପ୍ରଥମ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ସର୍ବ ଦେବାଦେବୀ ପୂଜା, ସପ୍ତ ମାତୃକା ପୂଜା ଅନୁଷ୍ଠିତ ହୋଇଥିଲା। ବେଲ୍ୱବରଣୀ ସହିତ ମାଙ୍କୁ ଆବାହନ କରାଯାଇଥିବା ବେଳେ ୫ଦିନ ଧରି ବୈଦିକ ରୀତିନୀତି ଅନୁଯାୟୀ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯିବ। ଦଶମୀ ଦିନ ଦଶରା ମଣ୍ଡା ଭୋଗ ଲାଗି ପରେ ଉତ୍ସବ ଉଦଯାପିତ ହେବ। ଆୟୋଜିତ କାର୍ଯ୍ୟକ୍ରମକୁ ମହେଶ୍ୱର ଦାସ, ସ୍ମୃତିରଞ୍ଜନ ଜେନା, ନାରାୟଣ ବେହେରା, ପ୍ରଫୁଲ୍ଲ ବାରିକ, କ୍ଷେତ୍ରବାସୀ ମିଶ୍ର, ଅନନ୍ତ ବାରିକ, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ପରିଚାଳନା କରିଛନ୍ତି। ଅନୁରୂପ ଭାବେ କହରାପୋଖରୀ ଠାରେ ମଧ ବାସନ୍ତିଦୂର୍ଗା ପୂଜା ଅନୁଷ୍ଠିତ ହୋଇଛି।



## ଯୁବକଙ୍କ ଆତ୍ମହତ୍ୟା

**ମଞ୍ଜୁରୀରୋଡ,୧୫।୪(ସମିସ):** ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ ନିକଟ ସାତଶୋଳା ଗ୍ରାମର ଜନୈକ ଯୁବକ ଶାଢ଼ିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଗତ ରବିବାର ବିଳମ୍ବିତ ରାତିରେ ଯୁବକ ସରୋଜ ବେହେରା (୩୮) କୌଣସି କାରଣରୁ ଫାଶୀ ଦେଇଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ତାଙ୍କୁ ସଂଗେ ସଂଗେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ସୁଦ୍ଧା ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବିଷୁବ ପରିଷଦର ୨୪ତମ ବିଷୁବ ମିଳନ ପାଳିତ



**ଭଦ୍ରକ, ୧୫।୪(ସମିସ):** ବିଷୁବ ପରିଷଦ ଭଦ୍ରକର ଦେବଭୂମି ଗବସାହି ଭଦ୍ରକ ଦୁର୍ଗାମଣ୍ଡପରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ୨୪ତମ ବିଷୁବ ମିଳନ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନ କବିତା ପାଠୋତ୍ସବ ହୋଇଥିଲା। ସଭାପତି ଅବନୀ ପ୍ରଧାନ ଅତିଥି ମମତା ସାହୁ, ନାଟ୍ୟଶ୍ରୀ ନିର୍ମଳ ରାଉତ ସଂଯୋଜନାରେ କବି ମାନସ କୁମାର ପଣ୍ଡା, କବି ସରୋଜିନୀ ନାୟକ ଯୋଗଦେଇଥିଲେ। ଅର୍ଦ୍ଧ ଶତାଧିକ କବିତା ପାଠ କରାଯାଇଥିଲା। ବୀଣାପାଣୀ ତ୍ରିପାଠୀ, ଶଶାଙ୍କ ପଣ୍ଡା, ରମେଶ ସ୍ୱାଇଁ, ସୁରଞ୍ଜନ ମିଶ୍ର, ରମେଶ ଦାସ, ବିପ୍ଳବ ହୋତା, ମାନସ ପଣ୍ଡା, ଅନାଦି ପାଣିଗ୍ରାହୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ସାଧାରଣ ସଭା ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ସଭାପତି ଗୋପାଳ କୃଷ୍ଣ ଦାଶ, ମୁଖ୍ୟ ଅତିଥି ସମ୍ବାଦ ର ପୂର୍ବତନ ସଂପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ତାପସୀ ପ୍ରହରାଜ ମୁଖବକ୍ତା ରାମଚନ୍ଦ୍ର ପଣ୍ଡା ସମ୍ମାନିତ ବକ୍ତା ନିହାର ରଞ୍ଜନ କର ଯୋଗଦେଇଥିଲେ। ଏଥର ସମ୍ମାନଜନକ ବିଷୁବ ସମ୍ମାନ କବି ହରମୋହନ କୁଅଁର ଓ କବୟିତ୍ରୀ ଗୀତାରାଣୀ ଆଇଚଙ୍କୁ ପ୍ରଦାନ କରାଯାଇଥିଲା। ରାଧା ଦାସ ସ୍ୱାଗତ ଭାଷଣ କବି ମୁକ୍ତିକାନ୍ତ ମଲ୍ଲିକ ସଂପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମାନିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ମାନପତ୍ର ଆଇନଜୀବୀ ଦୀପକ ସାହୁ ଓ ସୁରଞ୍ଜନ ମିଶ୍ର ପାଠ କରିଥିଲେ। ଜଗନ୍ନାଥ କଳାକାର ସଂଘର ରୁଦ୍ରମାଧବ ବାରିକଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କର ବିଚିତ୍ର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ପାଣି, ବାଦଲ ଦାସ, ଆନନ୍ଦ ଦାସ, ଚାରୁଲତା ମହାପାତ୍ର, ସୁରଜିତା ନାୟକ, ଦିପ୍ତିମୟୀ ସାହୁ, ମନୋରମା ରାୟ, ଝୁରଣବାଳା ଖୁଣ୍ଟିଆ, ନରେନ୍ଦ୍ର ଦାସ, ବିଜୟ ବହଳି ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ କବି ବିପ୍ଳବ ହୋତା ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଷୁବ ଆସର ଓ କବିତା ପାଠୋତ୍ସବ

**ଭଣ୍ଡାରିପୋଖରୀ, ୧୫।୪(ସମିସ):** ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ବିଷୁବ ଆସର ଓ କବିତା ପାଠୋତ୍ସବ ରବିବାର ତୁଳସୀପୁରରେ ଅନୁଷ୍ଠିତ ହୋଇଯାଇଛି। କବି ପୁରୁଷୋତମ ଧଳଙ୍କ ଅଧକ୍ଷତାରେ ଓ ଶିକ୍ଷକ ସଞ୍ଜୟ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ କାର୍ଯ୍ୟକ୍ରମରେ ଭଣ୍ଡାରୀପୋଖରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ମୁଖ୍ୟ ଅତିଥି, ଅମିତାଭ ଖିଲାର ମୁଖ୍ୟବକ୍ତା, ଶିଶୁ ସାହିତ୍ୟିକ ଜଗନ୍ନାଥ ନାୟକ, ରମାକାନ୍ତ ବେହେରା ଯୋଗଦେଇ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ କାର୍ଯ୍ୟକ୍ରମରେ କବି ଜଗନ୍ନାଥ ପଣ୍ଡା, ବିଶ୍ୱମ୍ବର ରାଉତ, ଦାମୋଦର ନାୟକ, ରାଜେଶ ବିଶ୍ୱାଳ, ନୃସିଂହ ମଲ୍ଲିକ, ଜୟଦେବ ସେନାପତି, ମୁରଲୀଧର ଦାସ, ସାର୍ଥକ ସାମଲ, ପ୍ରଫୁଲ୍ଲ ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦ ସମ୍ପାଦକ ପବନ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ଅଧାପିକା ଯୋଗ୍ୟଶ୍ରୀ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅଷ୍ଟପ୍ରହରୀ ନାମ ଉତ୍ସବ

**ବାରିକପୁର, ୧୫।୪(ସମିସ):** ପବିତ୍ର ବୈଶାଖ ମାସ ପଣା ସଂକ୍ରାନ୍ତି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଅଷ୍ଟ ପ୍ରହରୀ ନାମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରହଣିଆ ପଞ୍ଚାୟତ ହାଜିପୁର ଠାରେ ୩ ଦିନ ଧରି ନାମ ସଂକୀର୍ତ୍ତନ ଆୟୋଜନ ହୋଇଥିଲା। ଏଥିରେ ପ୍ରତାପ ନାୟକଙ୍କ ସମେତ କିଶୋର ସାମଲ, ବ୍ରଜକିଶୋର ନାୟକ, ଚିରଞ୍ଜୀବ ନାୟକ, ଗଗନ ପରିଡ଼ା ପ୍ରମୁଖ ଘଟ ସ୍ଥାପନ କରିଥିଲେ। ନିକଟ ବରାହନୂଆପଡ଼ା, ଲକ୍ଷ୍ମୀସାଗର, ରହଣିଆ ସଂକୀର୍ତନ ମଣ୍ଡଳୀ କୀର୍ତନ ମଣ୍ଡଳୀରେ ପହଞ୍ଚି ନାମ ସଂକୀର୍ତନ କରିଥିଲେ। ଉତ୍ସବକୁ ନୀଳମଣି ନାୟକ, ନଟବର ସାମଲ, ବାମଦେବ ସାମଲ, ପ୍ରତାପ ନାୟକ, ବିଷ୍ଣୁନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅନୁରୂପ ଭାବେ ସାନ ମାଳଦା ଓ ସାରସଦା ଠାରେ ତିନିଦିନ ଧରି ନାମ ସଂକୀର୍ତନ ଅନୁଷ୍ଠିତ ହୋଇଥିବା ବେଳେ ନଗର ଭ୍ରମଣ ସହିତ ଉତ୍ସବ ଉଦଯାପିତ ହୋଇଥିଲା।



## ଦୋସିଙ୍ଗାରେ ସାର୍ବଜନୀନ ବାସନ୍ତି ପୂଜା



ଭଦ୍ରକ, ୧୫।୪(ସମିସ)

ଭଦ୍ରକ ଜିଲ୍ଲା ଧାମରା ନିକଟସ୍ଥ ଦୋସିଙ୍ଗା ପଞ୍ଚାୟତରେ ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ପାଳିତ ହେଉଛି ସାର୍ବଜନୀନ ବାସନ୍ତୀକ ଦୁର୍ଗାପୂଜା। ୨୦୧୦ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ୧୫ବର୍ଷରେ ପଦାର୍ପଣ କରିଛି। ଦେବେନ୍ଦ୍ର ନାୟକ, ମଣ୍ଟୁ ମାଇତି, ଗୌରହରି ମାଇତିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପୂଜାରେ ଧାମରା ଅଞ୍ଚଳର ସର୍ବସାଧାରଣ ଭରପୁର ମଜା ନେଉଥିବା ବେଳେ ଏହି ପୂଜା ଆରମ୍ଭରେ ୧୦୮ ସଧବା ନାରୀ ନିଟସ୍ଥ ବଙ୍ଗୋପସାଗର ମୁହାଣରୁ ପାଣି ଆଣି ଘଟ ସ୍ଥାପନା କରାଯାଇଥିଲା। ପରେ ଗୋପୂଜା, ସୂର୍ଯ୍ୟପୂଜା, ଗୁରୁ ପୂଜା, ସ୍ତମ୍ଭ ତୋରଣ ପୂଜା, ଅଗ୍ନି ସ୍ଥାପନ, ଯଜ୍ଞାରମ୍ଭ କରାଯାଇଥିଲା। ଏହି ପୂଜା ଦୀର୍ଘ ୪ଦିନ ଧରି ଚାଲିବ। ଏହି ପୂଜା ଅବସରରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ରହୁଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ଆଳି, ଯାଜପୁର ଏବଂ ଭଦ୍ରକ ଜିଲ୍ଲାର ନୃତ୍ୟ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ୨୦୧୦ ମସିହାରେ ଗୋଟିଏ ଦିନରେ ଆରମ୍ଭ ହୋଇ ସେହି ଦିନ ଶେଷ ହେଉଥିବା ଏହି ବାସନ୍ତିକ ଦୁର୍ଗାପୂଜା ଆଜି ଭଳି ଦିନରେ ଦୀର୍ଘ ୫ଦିନ ଧରି ଚାଲିଛି। ଆରମ୍ଭ ହୋଇଥିବା ସାର୍ବଜନୀନ ବାସନ୍ତିକ ଦୁର୍ଗା ପୂଜା ରେ କମିଟି ପକ୍ଷରୁ ଗଣେଷ ସେଠୀ, ରତନ ସେଠୀ, ପୂର୍ଣ୍ଣେନ୍ଦୁ ପାତ୍ର, ସପନ ସାହୁ, କରୁଣାକର ନାୟକ, ଅନାଦୀ ଦାସ, ଓମ ପ୍ରକାଶ ମାଇତି, ଗୌରହରି ମାଇତି, ମଣ୍ଟ ମାଇତି, ଦେବେନ୍ଦ୍ର ନାୟକ ପ୍ରମୁଖ ଏହି ପୂଜାପାଳନ ଉତ୍ସବରେ ଉପସ୍ଥିତ ରହିବା ସହ ପରିଚାଳନା କରିବାରେ ସହଯୋଗ କରିଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ଧାମରା ଥାନାର ଥାନାଧିକାରୀ ଶୋଭନ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ।

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଶରତ କୁମାର ମହାନ୍ତି
ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬
ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

## ଧାମରା ସମୁଦ୍ର ମୁହାଣରେ ବିପଦ ପୂର୍ଣ୍ଣ ନୌଯାତ୍ରା

# ଲଗାମ ନଥିବା ଡଙ୍ଗା ସାଙ୍ଗକୁ ଲାଇସେନ୍ସ ନ ଥିବା ଚାଳକ

ଭଦ୍ରକ, ୧୫ ।୪(ସମିସ)



ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନଦୀ ନାଳ ଘେରା ହୋଇଥିବା ବେଳେ ଏହାର ଦକ୍ଷିଣକୁ ଥିବା ବଙ୍ଗୋପସାଗର ମୁହାଣରେ ଚାଲିଛି ବିପଦପୂର୍ଣ୍ଣ ନୌଯାତ୍ରା। ଅନଭିଜ୍ଞ ଚାଳକ ସାଙ୍ଗକୁ ଦଦରା ନୌକା ଶହ ଶହ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୩୦ତାରିଖରୁ ଏହି ଆନ୍ତଃ ଜିଲ୍ଲା ନୌବାଣିଜ୍ୟ ପରିବହନରେ ବାଧକ ସାଜିଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ। ଧାମରା କାଳୀନାଳୀ ଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ନଳିତାପାଟିଆ, ତାଲଚୁଆକୁ ଦୈନନ୍ଦିନ ଯାତ୍ରୀବାହୀ ନୌକା ଯାତାୟତ କରିଥାନ୍ତି। ଦୀର୍ଘ ୧୫ ଦିନ ହେବ ଏହି ଫେରିଘାଟକୁ ନିଲାମ ନେଇଥିବା ଲୋକର ସମୟ ଅତିକ୍ରାନ୍ତ ହୋଇଯାଇଛି। କିନ୍ତୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇ ଯାଇଥିବାରୁ ରାଜନଗର ବ୍ଲକ ପ୍ରଶାସନ ଏହି ଘାଟକୁ ନିଲାମ କରିବାରେ ସକ୍ଷମ ହେଲାନାହିଁ। ତେଣୁ ମାର୍ଚ୍ଚ ୩୧ ତାରିଖ ଠାରୁ ଏହି ଫେରି ଘାଟରେ ବୋଟ୍ ମାଲିକଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଥିବା ଅଭିଯୋଗ ହୋଇଛି। ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଭଡ଼ା ଠାରୁ ବହୁ ଅଧିକ ଭଡ଼ା ନେଇ ସମ୍ପୃକ୍ତ ବୋଟ ମାଲିକମାନେ ଯାତ୍ରୀମାନଙ୍କୁ ଶୋଷଣ କରୁଛନ୍ତି। ଏପରିକି ଜୋର ଜବରଦସ୍ତ ନିଜ ବୋଟକୁ ଯାତ୍ରୀମାନଙ୍କୁ ଟାଣି ଓଟାରି ଆଣୁଥିବା ଦେଖାଦେଇଛି। ଏହି ବୋଟ ଗୁଡିକର କାଗଜପତ୍ର ଠିକ ନଥିବା ବେଳେ ଲାଇସେନ୍ସ ପାଇଥିବା ବୋଟ କୁ ଦେଖାଇ ଅଣଲାଇସେନସ ପ୍ରାପ୍ତ ବୋଟ ଗୁଡିକର ଅବାଧ କାରାବାର ସାଧାରଣ ଜନତାଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି। ଏହି ବୋଟ ଗୁଡିକରେ ସାଧାରଣ ଯାତ୍ରୀମାନଙ୍କ ପାଇଁ ଲାଇଫବୟ କିମ୍ବା ଲାଇଫ ଜାକେଟର ମଧ ସୁବିଧା ଉପଲବ୍ଧ ନାହିଁ। ଅନ୍ୟ ପକ୍ଷରେ ଏହି ବୋଟ ଗୁଡିକରେ ଚୋରା କାରାବାର ହେଉଥିବା ବେଳେ ୨୦୨୩ ମସିହାରେ ଏହି ବୋଟ ଗୁଡିକ ବନବିଭାଗ ଦ୍ୱାରା ଧରାପଡ଼ିବା ସହ ସିଜ ମଧ ହୋଇଥିଲା। ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ଲାଇସେନ୍ସ ହାତେଇ ନେଉଥିବା ବୋଟ ମାଲିକ ରାତାରାତି ଲାଲେଲାଲ ହେଉଥିବା ବେଳେ ଏହାକୁ ରୋକ ଲଗାଇବାକୁ ଦାବି ହେଉଛି। ଗୋଟିଏ ଗୋଟିଏ ବଡ ବୋଟରେ ୩୦ରୁ ଅଧିକ ଯାତ୍ରୀ ଏବଂ ଛୋଟ ବୋଟରେ ୧୫ଜଣରୁ ଅଧିକ ଯାତ୍ରୀ ପରିବହନ କରିବାର କ୍ଷମତା ଥିବା ବେଳେ ସବୁ ସମୟରେ ଆବଶ୍ୟକତା ଠାରୁ ବହୁ ଅଧିକ ପରିବହନ କରୁଛନ୍ତି ଏହି ବୋଟ ଗୁଡିକ। ଗତ ସପ୍ତାହରେ ଏକ ବୋଟ ବଙ୍ଗୋପସାଗର ମୁହାଣରେ ଆବଶ୍ୟକ ଠାରୁ ଅଧିକ ଯାତ୍ରୀ ନେଇ ଯାଉଥିବା ସମୟରେ ଇଞ୍ଜିନ ଖରାପ ହୋଇ ଯାଇଥିଲା। ଫଳରେ ସମ୍ପୃକ୍ତ ବୋଟଟି ଭାସି ଭାସି କୂଳକୁ ଆସିବା ପରେ ଅନ୍ୟ ଏକ ବୋଟ ଆସି ସେହି ଯାତ୍ରୀମାନଙ୍କୁ ନେଇ ତାଲଚୁଆ ଯାଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଏହି ଘାଟ ନିଲାମରୁ ମିଳୁଥିବା ରୟାଲିଟି ତାଲଚୁଆ ଓ ଦୋସିଙ୍ଗା ପଞ୍ଚାୟତ ସମାନ ଭାଗରେ ବାଣ୍ଟି କରି ନେଉଥିବା ବେଳେ କେଉଁ ପରିସ୍ଥିତିରେ ସମ୍ପୃକ୍ତ ୨ଟି ପଞ୍ଚାୟତର ମୁଖିଆ ପ୍ରିୟାପ୍ରତି ଅବଲମ୍ବନ କରି ନିଜ ନିଜର ଭଙ୍ଗା ଦଦରା ବୋଟକୁ ନେଇ ଆନ୍ତଃଜିଲ୍ଲା ପରିବହନ କରୁଛନ୍ତି ଏବଂ ଏହାର ତଦାରଖ ଏପଟରେ ଧାମରା ମେରାଇନ ଥାନାଧିକାରୀ କରୁ ନଥିବା ବେଳେ ସେପଟରେ ତାଲଚୁଆ ମେରାଇନ ଥାନାଧିକାରୀ ସମ୍ପୂର୍ଣ୍ଣ ଚୁପ ହୋଇ ରହିଥିବା ଅଭିଯୋଗ ହୋଇଛି।

## ପୁଣି ବଦଳିଲା ସ୍କୁଲ ସମୟ

# ସକାଳ ୬.୩୦ ରୁ ୯.୩୦ ଖୋଲାରହିବ

**ଭଦ୍ରକ, ୧୫ ।୪(ସମିସ):** ଭଦ୍ରକ ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାର ସମସ୍ତ ସ୍କୁଲ ଖୋଲା ରହିବା ସମୟ ପରିବର୍ତ୍ତନ କରାଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଆଦେଶ କ୍ରମେ ଜିଲ୍ଲାର ସମସ୍ତ ସରକାରୀ, ଘରୋଇ, ଅନୁଦାନପ୍ରାପ୍ତ ୧ମ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ, ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ସକାଳ ୬ଟା୩୦ ମିନିଟ୍ରୁ ଖୋଲାଯାଇ ସକାଳ ୯ଟା ୩୦ ମିନିଟ୍ରେ ବନ୍ଦ ହେବ। ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଆଦେଶ ଜାରି ରହିବ। ସୂଚନା ଯୋଗ୍ୟକି ଗତ ଏପ୍ରିଲ ୬ ତାରିଖରେ ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ସକାଳ ଘ.୬.୩୦ ମି.ରୁ ୧୦.୩୦ମି. ପର୍ଯ୍ୟନ୍ତ ଖୋଲା ରହିବା ନେଇ ଜିଲ୍ଲାପାଳଙ୍କ ଦ୍ୱାରା ଆଦେଶ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଜନିତ ପରିସ୍ଥିତି ପାଇଁ ସତର୍କତା ଅବଲମ୍ବନ ପୂର୍ବକ ସମସ୍ତ ସ୍କୁଲ ଆବାସିକ ବ୍ୟବସ୍ଥା ବା ଛାତ୍ରାବାସ ଥିବା ସ୍କୁଲ ପ୍ରଭୃତିରେ ନିରାପଦ ପାନୀୟ ଜଳ, ଓଆର୍ଏସ୍ ପ୍ୟାକେଟ୍ ଓ ଅନ୍ୟାନ୍ୟ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ, ଅଧକ୍ଷମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ମଧ ଏ ଆଦେଶ ତ୍ୱରିତ କାର୍ଯ୍ୟକାରୀ ପାଇଁ ଅବଗତ କରାଯାଇଛି।

# ୭୮ ବର୍ଷରେ ବୟାଙ୍ଗଡ଼ିହି ବାସନ୍ତୀ ଦୁର୍ଗା ପୂଜା



ଧୂଷୁରୀ, ୧୫ ।୪(ସମିସ):ଧାମନଗର ବ୍ଲକ ବୟାଙ୍ଗଡିହି ନୂଆହାଟ ମେଲଣ ପଡ଼ିଆ ବାସନ୍ତୀ ଦୁର୍ଗା ମଣ୍ଡପରେ ମା'ବାସନ୍ତୀ ଦୁର୍ଗା ପୂଜା ଆରମ୍ଭ ହୋଇଛ। ଉକ୍ତ ପୂଜା ୭୮ ବର୍ଷ ଧରି ପାଳନ ହୋଇ ଆସୁଥିବା ବେଳେ ବୟାଙ୍ଗଡିହିର ଜମିଦାର ବଂଶରୁ ଆରମ୍ଭ ହୋଇଥିଲା। ସ୍ୱର୍ଗତ ବୃନ୍ଦାବନ ମହାପାତ୍ରଙ୍କଅମଳରେ ସାର୍ବଜନୀନ ପୂଜା ଭାବେ ଆରମ୍ଭ ହୋଇ ନୂଆହାଟ ମେଲଣ ପଡ଼ିଆରେ ଦୁର୍ଗମଣ୍ଡପ ନିର୍ମାଣ ହୋଇ ପାରମ୍ପରିକ ଭାବେ ୫ ଦିନ ଧରି କଳସ ଶୋଭାଯାତ୍ରା ଚଣ୍ଡୀ ପାଠ, ହୋମଜଜ୍ଞ, ପ୍ରସାଦ ସେବନ, ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ପାଳନ ହେବ। ପୂଜାରେ କର୍ତ୍ତା ଭାବେ ପ୍ରଶାନ୍ତ ମହାପାତ୍ର କର୍ତ୍ତ୍ରୀ ଭାବେ ନଳିନୀ ମହାପାତ୍ର ଅବସ୍ଥାନ କରୁଥିବା ବେଳେ ମୁଖ୍ୟ ପୁରୋହିତ ଭାବେ ପ୍ରଶାନ୍ତ ପାଢ଼ୀ, ଆଚାର୍ଯ୍ୟ ଭାବେ ପଣ୍ଡିତ ଦୀପକ ମିଶ୍ର, ପୁରୋହିତ ରମାକାନ୍ତ ପାଢ଼ୀ ପୂଜା ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମ କୁ ସଦସ୍ୟ ଭାବେ ମାନ ଗୋବିନ୍ଦ ସାହୁ, ବିଷ୍ଣୁ ଚରଣ ମହାନ୍ତି, ନଟବର ନାୟକ, ଧୀରେନ୍ଦ୍ର ମହାନ୍ତି, ଆଶିଷ ନାୟକ, ସତ୍ୟସୁନ୍ଦର ପାଢ଼ୀ, ସୁବ୍ରତ ମଲ୍ଲିକ, କୁନା ମହାପାତ୍ର ପ୍ରମୁଖ ପରିଚାଳନା କରୁଛନ୍ତି।

# ଶୁଭମ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ



**ତିହିଡି, ୧୫।୪(ସମିସ):** ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ବୋଡ଼କ ଠାରେ ଅଗ୍ରଣୀ ସାମାଜିକ ସଂଗଠନ ଶୁଭମ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ତ୍ୟାଗ ଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ମୁଖ୍ୟବକ୍ତା ଭାବେ, ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗୋଲକ ଚନ୍ଦ୍ର ସାମଲ, ଶିକ୍ଷାବିତ ସୁବାସ ଚନ୍ଦ୍ର ଦାସ, ସମାଜସେବୀ ମହେନ୍ଦ୍ର ମଲ୍ଲିକ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଦେବେନ୍ଦ୍ର ପୁହାଣ, ଜିଲ୍ଲା ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ଜେନା, ସମିତି ସଭ୍ୟ ଜୟ ପ୍ରକାଶ ମଲ୍ଲିକ ଓ ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁମୋହନ ଜେନାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବାବା ସାହେବଙ୍କ ବହୁମୁଖୀ ଆଦର୍ଶ, ଦେଶ ପାଇଁ କରିଥିବା କାର୍ଯ୍ୟ ଏବଂ ତାଙ୍କ ସଂଗ୍ରାମମୟ ଜୀବନୀ ଉପରେ ଆଲୋଚନା କରିଥିଲେ। ସଂଗଠନ ସମ୍ପାଦକ ନରେନ୍ଦ୍ରକୁମାର ସାମଲ ପ୍ରଦାନ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଂଗଠନର କାର୍ଯ୍ୟକ୍ରମ ସଂଯୋଜକ ଆନନ୍ଦ ଚନ୍ଦ୍ର ପଳାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସଂଗଠନର ଉପ ସଭାପତି ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୟନ୍ତୀ କାର୍ଯ୍ୟକ୍ରମକୁ ସଂଗଠନର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ଭଞ୍ଜ, ବୀରେନ୍ଦ୍ର ଭଞ୍ଜ, ଚକ୍ରଧର ଜେନା ଓ ବାବାଜୀ ଚରଣ ଭଞ୍ଜ ପ୍ରମୁଖ ପରିଚାଳନା କରିଥିଲେ।

# ବିଦ୍ୟାଳୟ ଉପର ଦେଇଯାଇଛି ୧୧କେଭି ବିଦ୍ୟୁତ୍ ତାର



**ବନ୍ତ/ଆଗରପଡ଼ା, ୧୫।୪(ସମିସ):** ବନ୍ତ ବ୍ଲକ ଓଡ଼ଙ୍ଗ କ୍ଲଷ୍ଟର ସରକାରୀ ସଂଯୁକ୍ତ ମଙ୍ଗୁଲି ଉପ୍ରା ବିଦ୍ୟାଳୟ ପରିସର ଦେଇ ୧୧କେଭି ବିଦ୍ୟୁତ ତାର ଯାଇଥିବାରୁ ଏହା ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ଖେଳ କ୍ଷେତ୍ରରେ ଘୋର ବ୍ୟାଘାତ ସୃଷ୍ଟି କରୁଛି। ବିଭିନ୍ନ ସମୟରେ ଉଚ୍ଚପଦାଧିକାରୀ ମାନେ ଏହି ବିଦ୍ୟାଳୟକୁ ପରିଭ୍ରମଣରେ ଆସୁଥିଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ ଅଟେ। ଏଥି ପାଇଁ ଅଭିଭାବକମାନେ ସବୁ ବେଳେ ଚିନ୍ତାରେ ରହୁଛନ୍ତି। ଉକ୍ତ ସମସ୍ୟାକୁ ନେଇ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀ ଗତ ବର୍ଷ ମାର୍ଚ୍ଚ ମାସରେ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲାପାଳ, ବିଡ଼ିଓ ଏବଂ ବିଇଓ ଏଥିନେଇ ଅବଗତ କରାଇଥିଲେ। ଅଭିଯୋଗକୁ ଇତି ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳିନିର୍ଦ୍ଦେଶ କରୁଛି।

# ଅଘୋଷିତ ବିଦ୍ୟୁତ୍ କାଟରେ ଜନଜୀବନ ଅସ୍ତବ୍ୟସ୍ତ

**ବନ୍ତ/ଆଗରପଡ଼ା, ୧୫।୪(ସମିସ):** ଅସହ୍ୟ ଖରାରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବାରୁ ଆଗରପଡ଼ା ଠାରେ ଗ୍ରୀଡ଼ ନିର୍ମାଣ ମୂଲ୍ୟହିନ ହୋଇପଡ଼ିଛି। ଆଗରପଡ଼ା ଠାରେ ପ୍ରାୟ ୧୦ ଏକର ପରିମିତ ସ୍ଥାନରେ ଗ୍ରୀଡ଼ଷ୍ଟେସନ ନିର୍ମାଣ କାର୍ଯ୍ୟ ଗତ ୨୦୧୫ ଫେବୃୟାରୀ ୨୨ ତାରିଖରୁ ଓପିଟିସିଏଲର ଇଏଇଟ୍ଟି(ଏସ) ବାଲେଶ୍ୱର ଡିଭିଜନ ପକ୍ଷରୁ ଆରମ୍ଭ ହୋଇଥିଲା। ୨୭ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ନିର୍ଦ୍ଧାରିତ ସମୟ ଠାରୁ ବହୁ ବିଳମ୍ବରେ ଶେଷ ହୋଇଥିଲା। ୧୩୨/୧୩୩ କେଭି ଗ୍ରୀଡ଼ଷ୍ଟେସନରୁ ୧୩୨ କେଭି ଡବଲ ସର୍କିଟ ଲାଇନ୍ ସଂଯୋଗ କରିବା ଲକ୍ଷ୍ୟରେ ଏହି ଗ୍ରୀଡ଼ଷ୍ଟେସନ ନିର୍ମାଣ କରାଯାଇଛି। ଏହାଦ୍ୱାରା ବିଦ୍ୟୁତ୍ କାଟ ସମସ୍ୟା ଅନେକାଂଶରେ ହ୍ରାସ ପାଇ ପାରିବା କଥା କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଘନଘନ ବିଦ୍ୟୁତ୍ କାଟ ହେଉଥିବାରୁ ଏଠାରେ ଏତେ ମୂଲ୍ୟରେ ନିର୍ମିତ ଗ୍ରୀଡ଼ ପ୍ରହସନରେ ପରିଣତ ହେବା ସହ ମୂଲ୍ୟହିନ ହୋଇପଡ଼ିଛି। ବର୍ତ୍ତମାନ କୌଣସି କିଛି କାରଣ ନ ଥାଇ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ବିଲ୍ ପୈଠ କରିକରି ଉପଭୋକ୍ତା ମାନେ ନୟାନ୍ତ ହେଉଛନ୍ତି ଅଥଚ ଏହି ସେବା ଠିକ୍ ଭାବେ ପାଇପାରୁ ନାହାଁନ୍ତି। ଅଧିକାଂଶ ସମୟରେ ଅନ୍ଧାରରେ ରହୁଛନ୍ତି। ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଆଗରପଡ଼ା। ଏଠାରେ ମଧ ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ର, ବିଇଡ଼ି କଲେଜ, ମହିଳା କଲେଜ, ସାଧାରଣ କଲେଜ ପରି ଶତାଧିକ ଶିକ୍ଷାନୁଷ୍ଠାନ ରହିଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ଟି ବ୍ଲକର ଅଧିକାଂଶ ପଞ୍ଚାୟତ ବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ବିଦ୍ୟୁତ୍ ବିନା ଏହି ସବୁ ସେବା ବ୍ୟାହତ ହୋଇ ପଡୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଶ୍ରୀ ଜଗନ୍ନାଥ ସମର୍ପିତ ପ୍ରାଣର ଦେବତା

**ଭଦ୍ରକ, ୧୫ ।୪(ସମିସ):** ମହାବିଷୁବ ସଂକ୍ରାନ୍ତୀ ଉପଲକ୍ଷେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ବଦ୍ଧ ଆଧ୍ୟାତ୍ମିକ ସଭା ଉପକ୍ରମ ବାଇପାସ୍ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପ୍ରଚା।ର ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନୀତ ବକ୍ତା ଭାବରେ କମିଟିର ସଭାପତି ପ୍ରମୋଦଲୋଚନ ବେହେରା, ନିତ୍ୟାନନ୍ଦ ମିଶ୍ର, ସନ୍ତୋଷ କୁମାର ଦାଶ ବକ୍ତାମାନେ ଯୋଗଦାନ କରି ଶ୍ରୀ ଜଗନ୍ନାଥ ସମର୍ପିତ ପ୍ରାଣର ଦେବତା ବୋଲି ମତ ପ୍ରକାଶ କରିଥିଲେ। ନୈତିକ ପ୍ରାରମ୍ଭରେ ପ୍ରଚାର ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ମହାପ୍ରଭୁଙ୍କ ଦଶାବତାର ସ୍ତୋତ ପାଠକରିଥିଲେ। ଆମେ ସମସ୍ତେ ଶ୍ରୀଜଗନ୍ନାଥଙ୍କ ଚେତନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ଆବଶ୍ୟକ ବୋଲି ବକ୍ତାମନେ ମତପ୍ରକାଶ କରିଥିଲେ। ଏହି ଆଧ୍ୟାତ୍ମିକ ସଭାରେ ପ୍ରଚାର ସମିତିର ବରିଷ୍ଠ ଉପଦେଷ୍ଟା ମନେଇ ଶିଅଳ, ଲକ୍ଷ୍ମୀଧର ଅଟୁଆ, ପ୍ରତାପ କୁମାର ପଣ୍ଡା ଶ୍ରୀଜଗନ୍ନାଥଙ୍କ ପୂଜକ ଶ୍ରୀ ପାଣି ଅତିଥିମାନଙ୍କୁ ଆପାୟୀତ ଯୋଗଦାନ କରିଥିଲେ। ସମିତିର ସହ ଆବାହକ ବାବୁଲାଲ ଦାଶ ଓ କାହ୍ନୁଚରଣ ଦାଶ ସମାରୋହ ଆୟୋଜନରେ ସହଯୋଗ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମାରୱାଡ଼ି ମହିଳା ସମ୍ମିଳନୀର କର୍ମକର୍ତ୍ତା ନିର୍ବାଚନ



ଭଦ୍ରକ, ୧୫ ।୪(ସମିସ): ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀର ପଦଭାର ଗ୍ରହଣ ନେଇ ଏକ ନିର୍ବାଚନ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛ। ଏହି ବୈଠକରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ଅଧକ୍ଷ ଅଞ୍ଜୁ ସରାଓଗି, ରାଷ୍ଟ୍ରୀୟ ସମ୍ପାଦକ ସୋନାଲି ମୋଦି, ଟେକ୍ନିକାଲ ସଲାହାକାର ପ୍ରିୟା ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ମାରୁୱାଡି ମହିଳା ସମ୍ମିଳନୀ ଅଙ୍ଗଦାନ, ନେତ୍ରଦାନ, ଗରିବ ପିଲାଙ୍କୁ ପାଠ ପଢ଼ାଇବା, ଗରୀବ ଝିଅଙ୍କୁ ବିବାହ ରେ ସହାୟତା ପ୍ରଦାନ କରିବା ଆଦି ସମାଜରେ ବିଭିନ୍ନ ବହୁ ସମାଜ ସେବା କାର୍ଯ୍ୟ କରୁଅଛି ବୋଲି କହିଥିଲେ। ପ୍ରାକ୍ତନ ସଭାପତି ସନ୍ଧ୍ୟା ଗୁପ୍ତା, ସମ୍ପାଦକ ମଞ୍ଜୁ ଗୁପ୍ତା ଓ କୋଷାଧକ୍ଷ ଅଞ୍ଜୁ ଗୁପ୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ନୂତନ ଭାବେ ଭଦ୍ରକ ସଭାପତି ଭାବେ ଅଞ୍ଜୁ ଡିଡ୍ୱାନିଆ, ସମ୍ପାଦକ ଭାବେ ସୁନିତା ଗୁପ୍ତା, କୋଷାଧକ୍ଷ ନିତୁ ଡିଡ଼ୱାନିଆଙ୍କୁ ନିର୍ବାଚିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପୁଷ୍ପା ଖେମକା, ବେଲ ଅଗ୍ରୱାଲ, ସୁମନ ପଟୱାରୀ, ରେଖା ଭୀମରାଜହା ପ୍ରମୁଖ ସଦସ୍ୟା ମାନେ ଉପସ୍ଥିତ ଥିଲେ। ରାଜଶ୍ରୀ ପୋଦାର ମଞ୍ଚ ପରିଚାଳନା ସହ ସମସ୍ତ କାର୍ଯ୍ୟକୁ ସଂଯୋଜନା କରିଥିଲେ। ନାରୀଶକ୍ତି ରାଷ୍ଟ୍ରୀୟ ଶକ୍ତିର ନାରା ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନାହିଁ ନାହିଁରେ ଚାଲିଛି ସ୍ୱାସ୍ଥ୍ୟସେବା

**ଭଦ୍ରକ, ୧୫ ।୪(ସମିସ):** ଅବହେଳିତ ଅବସ୍ଥାରେ ଭଦ୍ରକ ଜିଲ୍ଲା ନାୟକାଣୀଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ନାହିଁ ନାହିଁରେ ଚାଲିଛି ଡାକ୍ତରଖାନା। ଏଠାରେ ନିୟମିତ ଡାକ୍ତର ନଥିବା ବେଳେ ଜଣେ ଅସ୍ଥାୟୀ ଡାକ୍ତର, ଜଣେ ଅସ୍ଥାୟୀ ଷ୍ଟାଫ ନର୍ସ ଏବଂ ଜଣେ ଫାର୍ମାସିଷ୍ଟଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟ ସେବା। ତାହା ପୁଣି ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ। ନା ଅଛି ରୋଗୀ ଶୋଇବା ପାଇଁ ଶଯ୍ୟା, ନା ଅଛି ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ଆନୁସଙ୍ଗିକ ଉପକରଣ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ କର୍ମଚାରୀଙ୍କ ଅଭାବ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଚେରୀ ନଥିବାରୁ ଦିନରେ ଅବାଧରେ ଗାଇ, ଗୋରୁ, ଛେଳି ପଶୁପକ୍ଷୀଙ୍କ ରାଜ ଚାଲିବା ସହ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ଡାକ୍ତରଖାନାରେ ପାଚେରୀଟିଏ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଅନେକ ଥର ଦାବି କରି ଆସୁଥିଲେ ମଧ ଏହା ସମ୍ପୂର୍ଣ୍ଣ ହେଉନି। ଅନ୍ୟ ପକ୍ଷରେ ଏଠାରେ ଗର୍ଭବତୀମାନେ ମଧ କୌଣସି ସେବା ପାଇ ପାରୁନାହାନ୍ତି। ଏମିତିକି ରକ୍ତ, ମଳ, ମୂତ୍ର ଓ ଏଚ୍ଆଇଭି ପରୀକ୍ଷା ପାଇଁ ଆବଶ୍ୟକୀୟ ଯନ୍ତ୍ରାଂଶ ନାହିଁ। ରକ୍ତଚାପ ମାପିବା ପାଇଁ ଡାକ୍ତରଖାନାରେ କୌଣସି ଯନ୍ତ୍ରାଂଶ ନାହିଁ, ରକ୍ତଚାପ ମାପିବା ପାଇଁ ବଜାରର ଔଷଧ ଦୋକାନୀଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଆଖପାଖ ୧୫ଟି ପଞ୍ଚାୟତର ପ୍ରାୟ ୪୦ ହଜାରରୁ ଅଧିକ ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଜରୁରୀକାଳୀନ ସେବା ପାଇଁ ରୋଗୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କେବଳ ଏତିକି ନୁହେଁ ଉତ୍ତମ ଚିକିତ୍ସା ପାଇଁ ଅନ୍ୟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହି ଡାକ୍ତରଖାନାକୁ ପ୍ରତ୍ୟକ ଦିନ ୧୦୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଡାକ୍ତର ନଥିବା ଯୋଗୁଁ ବର୍ତ୍ତମାନ ଫାର୍ମାସିଷ୍ଟ ଭରସାରେ ଚାଲିଛି ଏହି ସ୍ୱାସ୍ଥକେନ୍ଦ୍ର। ସାମାନ୍ୟ ଜ୍ୱର, କାଶ ଓ ଝାଡ଼ାବାନ୍ତି ପାଇଁ ମଧ ବାହାର ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ। ତେଣୁ ସଡକ ଦୁର୍ଘଟଣା ସହ ଅନ୍ୟାନ୍ୟ ଜରୁରୀକାଳୀନ ସେବା ପ୍ରଦାନ କରିବା ପାଇଁ ଏଠାରେ ସମସ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଛନ୍ତି। ଅନେକ ଥର ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ଅବ୍ୟବସ୍ଥାକୁ ସ୍ଥାନୀୟ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଆଜି ଯାଏ କୌଣସି ସୁଫଳ ମିଳୁନାହିଁ।





# ମର୍ମନ୍ତୁଦ... ହୃଦୟବିଦାରକ...





ଆଜି ରାତି ପ୍ରାୟ ୯ଟା ସମୟରେ ପୁରୀରୁ କୋଲକାତା ଅଭିମୁଖେ ଯାଉଥିବା 'କାଳିଆ ନନା' ବସ୍‌ଟି ଧର୍ମଶାଳା ଥାନା ବାରବାଟି ନିକଟରେ ହଠାତ ଭାରସାମ୍ୟ ହରାଇ ଓଭରବ୍ରିଜ୍ ତଳକୁ ଓଲଟିପଡ଼ିଥିଲା । ଏଥିରେ ୫ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ୪୦ରୁ ଅଧିକ ଆହତ ହୋଇଛନ୍ତି । ମୃତାହତଙ୍କ ମଧ୍ୟରୁ ଅଧିକାଂଶ କୋଲକାତାର ବୋଲି କୁହାଯାଉଛି । ସେମାନଙ୍କ ମଧ୍ୟରୁ କେତେକ ଅସୁସ୍ଥତା କାରଣରୁ ଭୁବନେଶ୍ୱରର ଏମ୍‌ସ ହସ୍‌ପିଟାଲକୁ ଚିକିତ୍ସା ପାଇଁ ଆସି ଫେରିବା ରାସ୍ତାରେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ, ଏସ୍‌ପି ବିନିତ ଅଗ୍ରୱାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଶିବାଶିଷ ମହାରଣା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଛନ୍ତି । ଉଦ୍ଧାର କାର୍ଯ୍ୟରେ ୨୦ରୁ ଅଧିକ ଆମ୍ବୁଲାନ୍ସ ସହିତ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ ।

ଦୁର୍ଘଟଣାରେ ଆହତ: ଗୌର ଦାସ, ନୀଳିମା ମାଟି, ଚନ୍ଦ୍ର କୁମାର ଦାସ, ମୋନିକା ମଣ୍ଡଳ, ଇବୋ ବିବି, ଚନ୍ଦନ କୁମାର ଦାସ, ରୀନା ବିବି, ପୂର୍ଣ୍ଣଚନ୍ଦ୍ର ଦାସ, ଅର୍ଚ୍ଚନା ଭୋଇ, ଅଶୋକ ଜେନା, ସୋହାନା ବିବି, ପପୁ ସିଂ, ଅନସୁନ ସେଠୀ, ଦୀପୁ, ରାଜେନ୍ଦ୍ର ଦାସ, ଅନାଦୀ ଜେନା, ଗୌତମ ମଙ୍ଗଳ, ଭରତ ମଣ୍ଡଳ, ସୁଶାନ୍ତ ପାତ୍ର, ଗୋକୁଳ ଆଚାର୍ଯ୍ୟ, ସୁଶାନ୍ତ ପାତ୍ର, ସୁହାନା ବିବି, ଶୁଭମ ବିବି ।



























## ୧୭ରୁ ମର୍ଜିତାପୁର ହିଙ୍ଗୁଳାଙ୍କ ଯଜ୍ଞ

**କବାଟବନ୍ଧ, ୧୫।୪ (ସମିସ):** ଧର୍ମଶାଳା ବ୍ଲକ ମର୍ଜିତାପୁରସ୍ଥ ହିଙ୍ଗୁଳା ପୀଠରେ ଶ୍ରୀଶ୍ରୀ ମହାମାୟୀ ହିଙ୍ଗୁଳା ଦେବୀଙ୍କ ୫୮ତମ ବାର୍ଷିକ ଯଜ୍ଞ ଓ ହିଙ୍ଗୁଳା ଯାତ୍ରା ରାମ ନବମୀଠାରୁ ଆରମ୍ଭ ହେବ। ପାଞ୍ଚଦିନ ବ୍ୟାପି ଏହି ଯଜ୍ଞ ଉତ୍ସବ ୧୭ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୭ ତାରିଖରେ ଶୁଭାଧିବାସ, ୧୮ ତାରିଖ ଗୁରୁବାର ମହାଯଜ୍ଞ ଓ ଭାଗବତ ସଭା, ୧୯ ତାରିଖ ଶୁକ୍ରବାର ମହାଯଜ୍ଞ, ଗୀତାଯଜ୍ଞ, ଭାଗବତ ପାରାୟଣ, ଚଣ୍ଡି ଆଲୋଚନା ଓ ରାହାସ କୀର୍ତ୍ତନ, ୨୦ ତାରିଖ ଶନିବାର ମହାଯଜ୍ଞ ଉଦୟାସ୍ତ ନାମଯଜ୍ଞର ସୁଭାଧିବାସ, ୨୧ ତାରିଖ ରବିବାର ମହାଯଜ୍ଞ ନାମଯଜ୍ଞର ପୂର୍ଣ୍ଣାହୁତି, ନଗର ସଂକୀର୍ତ୍ତନ ଓ ଯଜ୍ଞର ପୂର୍ଣ୍ଣାହୁତି ଓ ୨୨ ତାରିଖ ସୋମବାର ଚରୁ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏ ଅବସରରେ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅପେରା ପରିବେଷଣ କରାଯିବ।

## ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

**ପାଣିକୋଇଲି, ୧୫।୪(ସମିସ):** ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁଁ ପଥଚାରୀ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି। ଏହାକୁ ଲକ୍ଷ୍ୟ କରି କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀରୋଡ ଦକ୍ଷିଣ କେବିନ ରେଲ ରାସ୍ତାର ନବଘନ ଭବନ ସମ୍ମୁଖରେ ହରିହର ମହାପାତ୍ରଙ୍କ ଉଦ୍ୟମରେ ଏକ ନବଘନ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ସାମାଜିକ କର୍ମୀ କୀର୍ତ୍ତିଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଅଲେଖ ଜେନା, ନାରାୟଣ ଚନ୍ଦ୍ର ଶତପଥୀ, ପ୍ରଦୀପ ମହାପାତ୍ର, ମଲ୍ଲୀ ମହାପାତ୍ର, ନିରୂପମା ମହାପାତ୍ର, ନବଘନ ଦାସ, ଦୀନବନ୍ଧୁ ସାହୁ, ରଘୁନାଥ ବିଶ୍ୱାଳ, ଅଭିମନ୍ୟୁ ବିଶ୍ୱାଳ, ସୂର୍ଯ୍ୟମଣି ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାଦୁଅମାଗୁରା ଛକରେ ଜଳଛତ୍ର କେନ୍ଦ୍ର

**ଚଢ଼େଇଧରା, ୧୫।୪ (ସମିସ):** ଧର୍ମଶାଳା ବ୍ଲକର ସମ୍ପାରୁ ଓ ମହିଶରା ପଞ୍ଚାୟତର ମଧ୍ୟସ୍ଥଳରେ ଥିବା କାଦୁଅମାଗୁରା ଛକରେ ଆଜି ମା’ ସନ୍ତୋଷୀ ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଜଳଛତ୍ର କେନ୍ଦ୍ର ଖୋଲାଯାଇଚି। ଏହି ଜଳଛତ୍ର କେନ୍ଦ୍ରକୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଛନ୍ତି। ୧୨ନଂ ଜୋନ୍ ସଂଯୋଜକ ପ୍ରହଲାଦ ଲେଙ୍କା, ଯୁବ ସମାଜସେବୀ ସତ୍ୟବ୍ରତ ନାୟକ, ମହିଶରା ସରପଞ୍ଚ ସଫଳ ବେହେରା, ସମ୍ପାରୁ ସରପଞ୍ଚ ଶରତ ଚନ୍ଦ୍ର ରାଉତ୍, ମହିଶରା ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ସୁଲେଖ ଚନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ଭରତ ଜେନା, କାମାକ୍ଷାପ୍ରସାଦ ନାୟକ, ଅନୀଲ ନାୟକ, ଅୟସକାନ୍ତ ରାଉତ ପ୍ରମୁଖଉପସ୍ଥିତ ଥିଲେ। ମା’ ସନ୍ତୋଷୀ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଜଳଛତ୍ର

**ବ୍ରହ୍ମବରଦା, ୧୫।୪(ସମିସ):** ଆଜି ଓଡ଼ିଆ ଜାତି ପାଇଁ ପବିତ୍ର ଦିନ। ଏହି ଦିନକୁ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଭାବେ ଗାଁରୁ ସହର ସବୁ ବର୍ଗର ଲୋକେ ପାଳନ କରିଥା’ନ୍ତି। ଆଜି ମଧ୍ୟ ହନୁମାନଙ୍କ ଜୟନ୍ତୀ। ଏ ଅବସରରେ ଚଣ୍ଡିମନ୍ଦିର ପ୍ରାଙ୍ଗଣରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହିତ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ମନ୍ଦିର କମିଟି ପକ୍ଷରୁ ଏକ ଜଳଛତ୍ର ଖୋଲି ଶ୍ରଦ୍ଧାଳୁଙ୍କୁ ଦହି, ସରବତ ଓ ପଣା ବଣ୍ଟନ କରାଯାଇଥିଲା। ପୂଜା କମିଟିର ବରିଷ୍ଠ ସଭ୍ୟ ବିଷ୍ଣୁ ଚରଣ ଓଝା, ଶ୍ରୀକାନ୍ତ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ରତିକାନ୍ତ ବିଶ୍ୱାଳ, ଧନେଶ୍ୱର ବିଶ୍ୱାଳ, ବସନ୍ତ ପାଢ଼ୀ, ନିରଞ୍ଜନ ନାୟକ, ବୁଲୁ ବିଶ୍ୱାଳ, ଗୌରାଙ୍ଗ ନାୟକ, ଅନନ୍ତ ଓଝାଙ୍କ ସମେତ ବହୁ ଭକ୍ତ ଓ ସଭ୍ୟ ଯୋଗଦାନ କରିଥିଲେ। ବରଦା ସାହିର ମା’ ମଙ୍ଗଳା ପୂଜା କମିଟି ପକ୍ଷରୁ ଦୀପ୍ତିରଞ୍ଜନ ରାଉତ, ପ୍ରଶାନ୍ତ ରାଉତ, ଅଞ୍ଜନ ରାଉତ, ସୁରିଆ ରାଉତ ପ୍ରମୁଖ ମା’ ମଙ୍ଗଳା ମାର୍କେଟ କମ୍ପ୍ଲେକ୍ସ ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଜଳଛତ୍ର ବ୍ୟବସ୍ଥା କରିଥିଲେ।

## ହୃଦ୍‌ଘାତରେ ସମାଜସେବୀଙ୍କ ପରଲୋକ

**ଦଶରଥପୁର, ୧୫।୪(ସମିସ):** ଦଶରଥପୁର ବ୍ଲକ ବିରଜାପୁର ପଞ୍ଚାୟତ ବିରଜାପୁର ଗ୍ରାମର ସମାଜସେବୀ ବିଶ୍ୱମ୍ବର ରାଉତରାୟଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ରାଉତରାୟ ଶନିବାର ଘରେ ପରିବାର ଲୋକଙ୍କ ଗହଣରେ ବସିଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକ ନିଆଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସରପଞ୍ଚ ନିରକାର ସାହୁ, ସମିତିସଭ୍ୟ ସନ୍ତୋଷ ରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁଅ ସାଇସୁନ୍ଦର ରାଉତରାୟ ମୁଖାଗ୍ନି ଦେଇଥିଲେ।

## ମା’ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ

**ବାରବାଟୀ, ୧୫।୪(ସମିସ):** ରସୁଲପୁର ବ୍ଲକ ଓଡ଼ିଶୋ ଅଣ୍ଡେଇଗୋଡା ଗ୍ରାମରେ ୫୦ତମ ମା’ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଆଜି ପ୍ରାତଃ ୭ଟା ୨୫ ମିନିଟ୍ ସମୟରେ ଦପା ନଦୀ ଘାଟରୁ ୨୭ ଜଣ ଭକ୍ତଙ୍କ ଦ୍ୱାରା କଳସୀରେ ପାଣି ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପ୍ରଥମେ ଗୋପୂଜା, ସୂର୍ଯ୍ୟନାରାୟଣ ପୂଜା ଦିବା ୧୦ଟା ସମୟରେ କରାଯାଇଥିଲା। ଏହାପରେ ମା’ଙ୍କ ସପ୍ତମୀ ପୂଜା, ମହାସ୍ନାନ, ଷୋଡଶ ଉପଚାର କରାଯାଇଥିଲା।

## ଖେଳ ପଡ଼ିଆକୁ କେନ୍ଦ୍ର କରି ରାସ୍ତାରୋକ

**ବିଞ୍ଝାରପୁର, ୧୫।୪(ସମିସ):** ସର୍ବପୁରାତନ ଯଜ୍ଞପାଳ ପଡ଼ିଆ ନେଇ ଆଜି ବିବାଦ ସୃଷ୍ଟି ହୋଇ ରାସ୍ତା ରୋକ ପର୍ଯ୍ୟନ୍ତ ପହଞ୍ଚିଥିବା ଜଣାଯାଇଛି। ବିଞ୍ଝାରପୁର ଯଜ୍ଞ ପଡ଼ିଆରେ ପଲାମାନେ ଖେଳିଥା’ନ୍ତି। ଲୋକେ ମର୍ଣ୍ଣିଂ ୱାକ କରିଥା’ନ୍ତି। ବିଭିନ୍ନ ସମାବେଶ, ରାଜନୈତିକ ସଭା ଏଠାରେ ହୋଇଥାଏ। ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉଦ୍ୟମରେ ସରକାରୀ ଅର୍ଥ ଖର୍ଚ୍ଚ ହୋଇ ଏଠାରେ ଏକ ମିନି ଷ୍ଟାଡିୟମ ନିର୍ମାଣ ହୋଇଛି। ଆଜି ସୟଦପୁର ପଞ୍ଚାୟତର କିଛି ପିଲା ଖେଳିବାକୁ ଯାଇଥିବାବେଳେ ସେମାନଙ୍କୁ ଖେଳାଇ ନ ଦେଇ ଫେରାଇ ଦିଆଯାଇଥିଲା। ଏହି ସ୍ଥାନଟି ସେମାନଙ୍କର ବାପଅଜା ଅମଳର, ତେଣୁ ଏଠାକୁ କେହି ଆସିବେ ନାହିଁ। ଏହି ଘଟଣା ସ୍ଥାନୀୟ ଲୋକଙ୍କୁ ମର୍ମାହତ କରିଥଲା। ବିଞ୍ଝାରପୁର ପଞ୍ଚାୟତର ବିଭାଜନ ହୋଇ ନବଗଠିତ ସୟଦପୁର ପଞ୍ଚାୟତର ସୃଷ୍ଟି ହୋଇଛି। ଏହାଛଡା ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିବା ଜମିର କାଗଜପତ୍ର ସରକାରଙ୍କ ନାମରେ ହୋଇଥିବା ନିଶ୍ଚିତ। ଏଭଳିସ୍ଥଳେ ବହୁଦିନରୁ ଖେଳି ଆସୁଥିବା ପିଲାଙ୍କ ପ୍ରତି ଏପରି ବ୍ୟବହାରକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଞ୍ଝାରପୁରର ପିଲାମାନେ ସରସ୍ୱତୀ ଛକରେ ରାସ୍ତାରୋକ କରିଥିଲେ। ଖବର ପାଇ ବିଞ୍ଝାରପୁର ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

**ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସରେ ତେଜିଲା ବିଦ୍ରୋହ**

# ବିଭିନ୍ନ ନିର୍ବାଚନ ମଣ୍ଡଳୀର ଆଶାୟୀ ଛାଡ଼ିଲେ ଦଳ

**ଯାଜପୁର, ୧୫।୪ (ସମିସ)**





ଯାଜପୁର ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ହେବା ପରେ ଏହାକୁ ନେଇ ଦଳ ଭିତରେ ବିଦ୍ରୋହ ଦେଖିବାକୁ ମିଳିଛି। ଦଳୀୟ ଟିକେଟ ଆଶାରେ ଥିବା ନେତା ଦଳୀୟ ନେତୃବର୍ଗଙ୍କ ବିରୋଧରେ ଖୋଲା ଅଭିଯୋଗ କରିବା ସହିତ ନିଜ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଯାଜପୁର ନିର୍ବାଚନମଣ୍ଡଳୀର ଟାଣୁଆ ସଂଗଠକ ତଥା ଯାଜପୁର ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ ଆଜି ଦଳରୁ ଇସ୍ତଫା ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ଏ ନେଇ ଶ୍ରୀ ଦାସ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି।

ସେଥିରେ ଉଲ୍ଲେଖ କରିଛନ୍ତି ଯେ, ବିଗତ ୧୫ ବର୍ଷ ଧରି ନିରନ୍ତର ଭାବେ ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେ କାର୍ଯ୍ୟ କରି ଆସୁଥିଲେ। ଦଳର ଭଲମନ୍ଦ ଓ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସେ କଂଗ୍ରେସ ପାଇଁ କାମ କରିଆସୁଥିଲେ। କିନ୍ତୁ ଦଳୀୟ ଟିକେଟ ବଣ୍ଟନରେ ତାଙ୍କୁ ପ୍ରତାରଣା କରାଯାଇଥିବା ଯୋଗ ସେ ଘୋର ଅସନ୍ତୋଷ ବ୍ୟକ୍ତ କରିବା ସହିତ କଂଗ୍ରେସ ଏବେ ନୀତି ଆଦର୍ଶରୁ ବିଚ୍ୟୁତ ହୋଇଛି ବୋଲି କହିଛନ୍ତି। ଏଥିସହିତ ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ କଂଗ୍ରେସ ଟିକେଟ ବିକ୍ରି ହେଉଥିବା ନେଇ ଯେଉଁ ଅଭିଯୋଗ ହେଉଛି, ତାହା ଆଜି ସତ ବୋଲି ପ୍ରମାଣିତ ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି। ଶ୍ରୀ ଦାସଙ୍କ ସହିତ ଯାଜପୁର ନଗର କଂଗ୍ରେସ ଉପସଭାପତି ନିକୁଞ୍ଜ ବିହାରୀ ସାମଲ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତଥାଗତ ନାୟକ, ଜିଲ୍ଲା ସମ୍ପାଦକ ଭରତ ଚନ୍ଦ୍ର ବେହେରା, ଜିଲ୍ଲା ଦଳିତ ସେଲ୍‌ର ଉପାଧ୍ୟକ୍ଷ ଅଜୟ ସେଠୀ, ଛାତ୍ର କଂଗେସ ଜିଲ୍ଲା ସମ୍ପାଦକ କୁମାର ଆଶୁତୋଷ, ନଗର ମହିଳା କଂଗ୍ରେସ ସଭାନେତ୍ରୀ ରୀନା ସିଂଙ୍କୁ ମଧ୍ୟ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ ମଧ୍ୟ ଦଳୀୟ ଟିକେଟରୁ ବଞ୍ଚିତ ହେବା ପରେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯଦି ୩ ଦିନ ଭିତରେ ଦଳ ତାଙ୍କୁ ଟିକେଟ ଦେବା ନେଇ କୌଣସି ବିଚାର ନ କରେ, ତା’ହେଲେ ସେ ମଧ୍ୟ ଦଳ ଛାଡିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତକାଲି ଯାଜପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ସୁଦୀପ କରଙ୍କୁ ଦଳ ଘୋଷଣା କରିବା ପରେ ଏହି ବିବାଦ ଅଧିକ ତୀବ୍ର ହୋଇଛି।

ଦଶରଥପୁର: ଦଶରଥପୁର ବ୍ଲକ ଦଶରଥପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଯୁବନେତା ଇନ୍ଦ୍ରଜିତ ଦାସ କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ଯାଜପୁର ନିର୍ବାଚନ ମଣ୍ଡଳୀ ବିଧାନସଭା ପ୍ରାର୍ଥୀ ଚୟନରେ ସେ ଅସନ୍ତୁଷ୍ଟ ହୋଇ ଆଜି ଦଳ ଛାଡିଛନ୍ତି। ସେ ତାଙ୍କ ଇସ୍ତଫାପତ୍ର କଂଗ୍ରେସ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଛନ୍ତି। ଛାତ୍ର ଜୀବନରେ ଯାଜପୁର ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟରୁ ରାଜନୈତିକ ଜୀବନ ଆରମ୍ଭ କରି ସେ ଦଶରଥପୁର ପଞ୍ଚାୟତର ସରପଞ୍ଚ ଭାବେ କରିଥିବାବେଳେ ଗତ ପଞ୍ଚାୟତ ନିର୍ବାଚନରେ ତରପଦା ପଞ୍ଚାୟତରେ ସମିତି ସଭ୍ୟ ଭାବେ ନିର୍ବାଚନ ଲଢ଼ିଥିଲେ। ଯାଜପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହେବା ପାଇଁ ସେ ଦାବିଦାର ଥିବାବେଳେ ଗତକାଲି କଂଗ୍ରେସର ପ୍ରାର୍ଥୀ ଘୋଷଣା ପରେ ନିଜ ଅସନ୍ତୋଷ ବ୍ୟକ୍ତ କରି ଦଳ ଛାଡିଛନ୍ତି। ତାଙ୍କ ଇସ୍ତଫା କଂଗ୍ରେସ ପାଇଁ ଏକ ଶକ୍ତ ଧକ୍କା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିବାବେଳେ ଦୁଇଦିନ ମଧ୍ୟରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ମତ ରଖିଛନ୍ତି ଯୁବ ନେତା ଶ୍ରୀ ଦାସ।

## ସ୍କୁଲ ପାଇଖାନାରୁ ଅବସରପ୍ରାପ୍ତ ଏଏନ୍‌ଏମ୍‌ଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



**ବିଂଝାରପୁର/ପ୍ରୀତିପୁର, ୧୫।୪ (ସମିସ):** ବିଞ୍ଝାରପୁର ଥାନା ମଧୁସୂଦନପୁର ଗାଁ ଆତଙ୍କନାସନ ଉଚ୍ଚ ବିଦ୍ୟାଳୟ ପାଇଖାନା ଭିତରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମରେ ଏନଏନଏମ ବିନୋଦିନୀ ସାହୁ(୬୨) ଓ ତାଙ୍କ ସ୍ୱାମୀ ଅଲେଖ ବେହେରା ରହିଆସୁଥିଲେ। ବିନୋଦିନୀ ପ୍ରତିଦିନ ବଡ଼ି ଭୋରୁ ଫୁଲ ତୋଳିବାକୁ ସ୍କୁଲ ପରିସରକୁ ଯାଇଥା’ନ୍ତି। ଆଜି ସେ ଘରକୁ ଫେରି ନ ଥିଲେ। ଖୋଜାଖୋଜି କରିବାରେ ତାଙ୍କ ମୃତଦେହ ସ୍କୁଲ ପାଇଖାନାରେ ଠାବ କରାଯାଇଥିଲା। ତାଙ୍କୁ କେହି ହତ୍ୟା କରି ଏଠାରେ ଫୋପାଡି ଦେଇଥିବା ସନ୍ଦେହ କରାଯାଉଛି। ଖବର ପାଇ ବିଞ୍ଝାରପୁର ପୁଲିସ ପହଞ୍ଚି ସାଇଣ୍ଟିଫିକ ଟିମ ଜରିଆରେ ତଦନ୍ତ ଆରମ୍ଭ କରିଛି। ତେବେ ଏହି ହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ସୁନା ଅଳଙ୍କାର ଲୁଟ ପାଇଁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ବିନୋଦିନୀ କାନଫୁଲ ଓ ଅନ୍ୟାନ୍ୟ ସୁନା ଗହଣା ଦୈନିକ ପରିଧାନ କରିଥା’ନ୍ତି। ସେ ପିନ୍ଧିଥିବା ସୁନା ଗହଣା ଲୁଟ୍ କରିବା ପାଇଁ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମିଳିଥିବା ରକ୍ତ ଜୁଡୁବୁଡୁ ମୃତଦେହରେ ବିନୋଦିନୀଙ୍କ ଗଳା ଉପର ଭାଗରେ କ୍ଷତଚିହ୍ନ ରହିଥିବାବେଳେ ତାଙ୍କ କାନ ଫଳି ଚିରିଯାଇଥିବା ଦେଖିବାକୁ ମିଳୁଛି। ଫଳରେ ସୁନା ଅଳଙ୍କାର ଲୁଟ ପାଇଁ ଏଭଳି ହତ୍ୟାକାଣ୍ଡ ଘଟିଥିବା ନେଇ ସନ୍ଦେହ ଅଧିକ ଘନିଭୁତ ହେଉଛି। ଘଟଣାସ୍ଥଳରେ ଯାଜପୁର ଏସପି ବିନିତ୍ ଅଗ୍ରୱାଲ, ଏସଡିପିଓ ସତ୍ୟବ୍ରତ ଲେଙ୍କା ପ୍ରମୁଖ ପହଞ୍ଚି ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରୁଛନ୍ତି।

## ମହାବୀର ଜିମ୍ନାସିୟମରେ ହନୁମାନ ଜୟନ୍ତୀ

**ଯାଜପୁର ଟାଉନ, ୧୫।୪(ସମିସ):** ବିରଜା ମନ୍ଦିର ନିକଟସ୍ଥ ଚମ୍ପାମଡ଼ାଇସ୍ଥ ମହାବୀର ମଲ୍‌ଟି ଜିମ୍ନାସିୟମ ପରିସରରେ ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଓ ପ୍ରଭୁ ଶ୍ରୀହନୁମାନ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ରାମଧୁନ, ପ୍ରଭୁ ହନୁମାଜୀଙ୍କ ପୂଜାର୍ଚ୍ଚନା, ବନ୍ଦନା, ହୋମ, ଯଜ୍ଞ, ସୂର୍ଯ୍ୟପୂଜା, ଗୋ-ପୂଜା ଆଦି ଦିବସ ବ୍ୟାପି ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ସମାବେଶ ଜିମ୍ନାସିୟମ ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଜିମ୍‌ର ସଭାପତି ଡଃ ବଟକୃଷ୍ଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଓ ମୁଖ୍ୟ ପରିଚାଳକ ଗୁରୁ ନୀଳକଣ୍ଠ ମିଶ୍ରଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମ୍ପାଦିତ ହୋଇଥିଲା।



ମୁଖ୍ୟଅତିଥି ଭାବେ ବିରଜା ରତ୍ନ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ହନୁମାନ ଜୟନ୍ତୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ସହସ୍ରାଧିକ ଶ୍ରଦ୍ଧାଳୁ ହନୁମାନଜୀଙ୍କ ଆଶିଷ ଲାଭ ସହିତ ମା’ସଙ୍ଗୀତ ପକ୍ଷରୁ ଭଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବାର୍ତ୍ତା ସମ୍ପାଦକ ମୀନକେତନ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସୁଶ୍ରୀ ସୌରୀ ରଞ୍ଜିତାଙ୍କ ‘ସଦାଚାର’ ସମାଜରେ କି ପ୍ରକାର କଲ୍ୟାଣ ସାଧନ କରିଥାଏ ବକ୍ତବ୍ୟ ସମବେତ ଶ୍ରଦ୍ଧାଳୁଙ୍କୁ ଆମୋଦିତ କରିଥିଲା।

## ମହାବାହୁ ଗ୍ରୁପ୍ ଟ୍ରଷ୍ଟ ପକ୍ଷରୁ ବଡ଼ଦାଣ୍ଡରେ ଅମୃତଧାରା

**ବାଲିଚନ୍ଦ୍ରପୁର, ୧୫।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ମହାବାହୁ ଗ୍ରୁପ ଓଡ଼ିଶା ଟ୍ରଷ୍ଟ ଓ ପୁରୀ ସେବା ସମିତି ମିଳିତ ଉଦ୍ୟମରେ ପୁରୀ ବଡ଼ଦାଣ୍ଡରେ ‘ଅମୃତ ଧାରା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବାହୁ ଗ୍ରୁପ ଓଡ଼ିଶା ଟ୍ରଷ୍ଟର ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇ ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ସକାଳ ୯ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ବଡ଼ଦାଣ୍ଡର ମରିଚକୋଟ ଛକରେ ସାଧାରଣ ଲୋକ ଓ ବଡ଼ଦେଉଳକୁ ଆସୁଥିବା ଭକ୍ତଙ୍କୁ ଅନବରତ ଥଣ୍ଡା ପାନୀୟ ଜଳ, ଦହି ସରବତ୍, ଲେମ୍ବୁ ସରବତ୍, ବେଲ ପଣା, ଓଆରଏସ ପାଣି ଇତ୍ୟାଦି ବଣ୍ଟନ କରିଥିଲେ। ଏଥିସହିତ ମଧ୍ୟାହ୍ନରେ ଅନ୍ନଦାନ ଯୋଜନା ମାଧ୍ୟମରେ ମିଠା ଖେଚୁଡି ଓ ଡାଲମା ବଣ୍ଟନ କରାଯାଇଥିଲା। ଶେଷରେ ମହାବାହୁ ଗ୍ରୁପ ଓଡ଼ିଶା ଟ୍ରଷ୍ଟର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବଡଦାଣ୍ଡ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବାହୁ ଗ୍ରୁପ ଓଡ଼ିଶା ଟ୍ରଷ୍ଟର ପ୍ରତିଷ୍ଠାତା ଶିବପ୍ରସାଦ ସାମଲ ଓ ଟ୍ରଷ୍ଟର ସଭାପତି ଭାରତ ଭୂଷଣ ସାମଲ, ପୁରୀ ସେବା ସମିତି ସମ୍ପାଦକ ସୌମେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟ ନାରାୟଣ ସାହୁ, ରାକେଶ ବାରିକ, ଦୁଷ୍ମନ୍ତ ବାରିକ, ଦିବ୍ୟରଞ୍ଜନ ବାରିକ, ଦେବାଶିଷ ମଲ୍ଲିକ, ପ୍ରକାଶ ଚନ୍ଦ୍ର ବଳ, ନର୍ମଦା ପୃଷ୍ଟି, ଆଲୋକ ପାତ୍ର, ବୈଷ୍ଣବ ଚରଣ ବାରିକ, ସମ୍ବିତ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ମା’ ହିଙ୍ଗୁଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

**ଶଙ୍ଖଚିଲା, ୧୫।୪(ସମିସ):** ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲାସ୍ଥ ପ୍ରସିଦ୍ଧ ମା’ ହିଙ୍ଗୁଳାଙ୍କ ୯୪ତମ ମହାଯଜ୍ଞ ଓ ୫୬ତମ ନାମଯଜ୍ଞ ଚଳିତ ମାସ ୨୨ରୁ ଆରମ୍ଭ ହୋଇ ଏପ୍ରିଲ ୩୦ରେ ସମାପ୍ତ ହେବ। ଏ ନେଇ ଆଜି ମା’ ହିଙ୍ଗୁଳା ଅତିଥି ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ(ବାବୁଲି) ମେଳା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରର ସବିଶେଷ ସୂଚନା ଦେଇଥିଲେ। ଚଳିତ ମାସ ୨୨ ତାରିଖ ରାତ୍ରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ୨୫ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ୨୬ ତାରିଖରେ ଯଜ୍ଞ ଚରୁ ବଣ୍ଟନ, ୨୭ରେ ନଗର ପରିଭ୍ରମଣ ଓ ନାମଯଜ୍ଞ ଉଦଯାପନ ହେବ। ଶେଷରେ ୩୦ ତାରିଖ ସକାଳେ ଯଜ୍ଞଭସ୍ମ ମହାସ୍ନାନ ଓ ବାଲ୍ୟଲୀଳା ପରେ ଅପରାହ୍ନ ୩ ଘଟିକା ସମୟରେ ପବିତ୍ର ଯଜ୍ଞଭସ୍ମ ଦେବୀଙ୍କ ପୀଠରୁ ବାହାରି ପୂନ୍ୟତୋୟା ବୈତରଣୀର ଦଶାଶ୍ୱମେଧ ଘାଟରେ ବିସର୍ଜନ ହେବ। ଯଜ୍ଞ ଉତ୍ସବ ଦିନଗୁଡିକରେ ଆମିଷ ଭୋଜନ ଓ ରାତ୍ରିପାକ ନିଷେଧ କରାଯାଇଥିବାବେଳେ ମେଳାରେ ଲଟେରୀ, ଜୁଆଖେଳ, ନିଲାମ ଡାକ ଓ ଅପେରା ଗଣନାଟ୍ୟକୁ ବାରଣ କରାଯାଇଥିବାବେଳେ ଶାନ୍ତିଶୃଙ୍ଖଳା ନିମନ୍ତେ ପାଣିକୋଇଲି ଥାନା ଓ ଶଙ୍ଖଚିଲା ଫାଣ୍ଡି ପକ୍ଷରୁ ବ୍ୟାପକ ପୁଲିସ ମୁତୟନ ସହ ଏହି ମେଳାରେ ପ୍ରତ୍ୟେକ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର, ଅନେକ ପ୍ରକାରର ଦୋଳି ସହ ଭକ୍ତଙ୍କ ସୁବିଧା ପାଇଁ ପାନୀୟ ଜଳ ଓ ସମସ୍ତ ପ୍ରକାରର ସୁବିଧା କରାଯାଇଥିବା କମିଟିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ (ବାବୁଲି) ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି। ଏ ଅବସରରେ କମିଟିର ମହେନ୍ଦ୍ର ନାୟକ, ମଣିଚରଣ ପଣ୍ଡା, ସୁରେନ୍ଦ୍ର ସାହୁ, ପ୍ରକାଶ ପୃଷ୍ଟି, ବଳରାମ ସାହୁ, ଦଶରଥ ନାୟକ, ବିମ୍ବାଧର ସାହୁ, ଅମୂଲ୍ୟ କୁମାର ସାହୁ, ରବୀନ୍ଦ୍ର ସାହୁ, ଚକ୍ରଧର ସାହୁ, ବାଇଧର ନାୟକ, ପ୍ରଶାନ୍ତ ଗୁରୁ, ବିମଳେନ୍ଦୁ ସାହୁ, ମହେନ୍ଦ୍ର ମହାକୁଡ଼, କୈଳାସ ଚନ୍ଦ୍ର ସାହୁ, ପ୍ରଭାତ ପଥାଳ, ବାବୁଲାଲ ଗୁରୁ, ଅଭିରାମ ସାହୁ, ପ୍ରଫୁଲ୍ଲ କୁମାର ସାହୁ, କୃଷ୍ଣଚନ୍ଦ୍ର ମଲିକ, ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଦୁକା ପତ୍ରିକାର ପଞ୍ଚମ ସଂସ୍କରଣ ଉନ୍ମୋଚନ ଓ କବିତା ଆସର



**କବାଟବନ୍ଧ, ୧୫।୪ (ସମିସ):** ମା’ ବ୍ରାହ୍ମଣୀ ଦେବୀ ସାହିତ୍ୟ ସଂସଦର ବାର୍ଷିକ ମୁଖପତ୍ର ‘ପାଦୁକା’ ପତ୍ରିକାର ପଞ୍ଚମ ସଂସ୍କରଣ ଉନ୍ମୋଚନ ହେବା ସହିତ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ସାହାଣୀଡିହ ପଞ୍ଚାୟତ ଅଧୀନ ଚାରଗୋଠସ୍ଥ କଠଉଣୀଶ୍ୱର ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଅତିଥି ଭାବେ ସରୋଜକାନ୍ତ ବେହେରା, ଅର୍ଜୁନ କୁମାର ସାହୁ, ରଘୁନାଥ ସାହୁ, ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ, ଆଶୁତୋଷ ଦେବୀ, ପ୍ରସାଦ ରାଉତ ଯୋଗଦେଇ କବିତା ଆସର କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି। ଦ୍ୱିତୀୟ ଅଧିବେଶନରେ ପତ୍ରିକା ଉନ୍ମୋଚନ ସହିତ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନକୁ ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା ଉଦ୍‌ଘାଟନ କରିବା ସହିତ ପାଦୁକା ପତ୍ରିକା ସମ୍ପାଦକଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ସଭାପତି ଭାବେ ପ୍ରାଧ୍ୟାପକ ପ୍ରେମାନନ୍ଦ ଓଝା ଓ ବରିଷ୍ଠ ସାହିତ୍ୟିକ ଲୋକନାଥ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ଓ ଏହାର ଆବଶ୍ୟକତା, ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଯାନୀ ପ୍ରଧାନ, ବିବେକାନନ୍ଦ ରାୟ ଯୋଗଦେବା ସହ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବ୍ୟଙ୍ଗ କବି ଧର୍ମଛଡ଼ା ମୁଖ୍ୟ ଆକର୍ଷଣ ସାଜିଥିଲେ। ଅନୁଷ୍ଠାନ ପକ୍ଷରୁ ନିମନ୍ତ୍ରିତ କବିଙ୍କୁ ଉତ୍ତରୀୟ ଓ ପ୍ରଶଂସାପତ୍ର ପ୍ରଦାନ କରିବା ସହିତ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ପାଦୁକା ପତ୍ରିକାର ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ପାଲା ବିକାଶ ଓ ପରିଚାଳନା ସଂଘ ବୈଠକ

**କୋରେଇ, ୧୫।୪(ସମିସ)**



ଓଡ଼ିଶାର ପାରମ୍ପରିକ, ପୁରାତନ ଓ ବିଦଗ୍ଧ ଗୀତି ଲୋକନାଟ୍ୟ ହେଉଛି ପାଲା। ଏହି ସ୍ୱତନ୍ତ୍ର କଳା ଓଡ଼ିଶାର ପୁରପଲ୍ଲୀରେ ପରିଚିତ। ଯେଉଁ ସମୟରେ ମନୋରଞ୍ଜନ କରିବା ପାଇଁ ବିଶେଷ ମାଧ୍ୟମ ନ ଥିଲା, ସେ ସମୟରେ ପାଲା ଲୋକଙ୍କୁ ମନୋରଞ୍ଜନ ଦେବା ସହ ସାହିତ୍ୟ, ସଂସ୍କୃତି ଓ କଳା ପ୍ରତି ପରିଚିତ କରାଉଥିଲା। ଏହି ପାଲା ମାଧ୍ୟମରେ ଓଡ଼ିଶାର ଭାଷା ଆନ୍ଦୋଳନ ମଧ୍ୟ ଘରେ ଘରେ ପହଞ୍ଚିପାରିଥିଲା। ଏହି ଲୋକନାଟ୍ୟ ଯଦିବା ବହୁ ପ୍ରାଚୀନ ତଥା ଧିରେ ଧିରେ ଲୋକମାନସରୁ ଦୂରେଇ ଯାଉଥିଲେ ମଧ୍ୟ ତଥାପି ଏହା ପ୍ରତି ବହୁ ଲୋକଙ୍କ ଆଦର ରହିଛି। ଏ ପରିପ୍ରେକ୍ଷୀରେ ଏ ସଂସ୍କୃତିକୁ ଆଧୁନିକ ଜନମାନସରେ ଆଦୃତ କରିବା ଲକ୍ଷ୍ୟରେ ଯାଜପୁର ଜିଲ୍ଲାରେ ଥିବା ବିଭିନ୍ନ ପାଲା ଅନୁଷ୍ଠାନକୁ ନେଇ ଗଢି ଉଠିଛି ‘ଆଞ୍ଚଳିକ ପାଲା ବିକାଶ ଓ ପରିଚାଳନା ସଂଘ’। ଏହି ସଂଘରେ ୬୦ରୁ ଅଧିକ ଅନୁଷ୍ଠାନର କର୍ମକର୍ତ୍ତା ସଦସ୍ୟ ଅଛନ୍ତି। ବିଭିନ୍ନ ପାଲା ଅନୁଷ୍ଠାନରେ ସଂଘ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହେଉଥିବାବେଳେ କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତ ମଲାରିଆ ଗ୍ରାମରେ ଚାଲିଥିବା ମା’ ହିଙ୍ଗୁଳାଙ୍କ ୬୦ତମ ବାର୍ଷିକ ପୂଜା ଉପଲକ୍ଷେ ଉକ୍ତ ଗ୍ରାମର ପାଲା ଅନୁଷ୍ଠାନ ତରଫରୁ ଏକ ଆଲୋଚନା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ୩୫ରୁ ଊର୍ଦ୍ଧ୍ୱ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ମଲାରିଆ ଗ୍ରାମ ପାଲା ଅନୁଷ୍ଠାନର ସଭାପତି ବସନ୍ତ କୁମାର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ସଭାରେ ସଂଘର ସଭାପତି ସନାତନ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ଦାସ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସଂଘର ଉପସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଚିତ୍ତରଞ୍ଜନ ସାହୁ, ସହସମ୍ପାଦକ ଗଙ୍ଗାଧର ବ୍ରହ୍ମ ଯୋଗ ଦେଇଥିଲେ। ମଲାରିଆ ପାଲା ଅନୁଷ୍ଠାନର ସମ୍ପାଦକ ରବିନାରାୟଣ ଦାସ ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁବ ସାମ୍ବାଦିକ ପ୍ରିୟରଞ୍ଜନ କର ପାଲାର ମୌଳିକତା ସହିତ ମଲାରିଆ ଗ୍ରାମ କିପରି ଓତଃପ୍ରୋତ ଭାବେ ଜଡ଼ିତ ତାହା ପ୍ରକାଶ କରିଥିଲେ। ଏ ଅବସରରେ ଗ୍ରାମର ବରିଷ୍ଠ ମୁରବୀ, ବୁଦ୍ଧିଜୀବୀ, ସାହିତ୍ୟିକ ଓ ସାମ୍ବାଦିକଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମା’ଙ୍କ ପୂଜା ଉପଲକ୍ଷେ ୩ଦିନ ଧରି ପ୍ରତିଷ୍ଠିତ ଗାୟକଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିବାବେଳେ ଗ୍ରାମ ଯୁବକଙ୍କ ଦ୍ୱାରା ଦୁଇଦିନ ଧରି ନାଟ୍ୟ ପରିବେଷଣ ହେଉଛି।

## ଦୁର୍ଗାବତୀ ତଉଲି ସ୍ମୃତି ସଂସଦର ସାରସ୍ୱତ ସମାରୋହ



**ସିଂହପୁର, ୧୫।୪(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ଦର୍ଗାବତୀ ତଉଲି ସ୍ମୃତି ସଂସଦ ପକ୍ଷରୁ ସିଂହପୁରଠାରେ ଦ୍ୱିତୀୟ ବାର୍ଷିକ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଇଂ ପଦ୍ମନାଭ ଦାଶଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବେସରକାରୀ ସଂଘର ସଭାପତି ସୁଶାନ୍ତ କୁମାର ନାୟକ, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କଳାକର ପାତ୍ର, ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇ ସମାରୋହର ଆଭିମୁଖ୍ୟ ଓ ଅନୁଷ୍ଠାନର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ। ଆଦର୍ଶ ଗୁରୁ କୃଷ୍ଣଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ଥାଟୋଇ, ଶିକ୍ଷାବିତ ପ୍ରଦୀପ କୁମାର ଜେନା, ଅକ୍ଷୟ ବେହେରା, ଦିବଂଗତ ସମାଜସେବୀ ରବୀନ୍ଦ୍ର କୁମାର ଧଳଙ୍କୁ ମରଣୋତ୍ତର, କବି ଖଗେଶ୍ୱର ସାହୁ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ସ୍ମୃତି ସଂସଦର ପୃଷ୍ଠପୋଷକ ଶ୍ରୀହରି ସାହୁଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ସଂସଦର ସମ୍ପାଦକ ପ୍ରଦୀପ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହାଟଡିହୀରେ ପାଟୁଆ ଯାତ୍ରା

**ସୋସୋ, ୧୫।୪(ସମିସ):** ହାଟଡିହୀ ବ୍ଲକର ତେଲୁଗା ହାଟ ନିକଟରେ ପ୍ରସିଦ୍ଧ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ମାନସିକଧାରୀମାନେ ଯାତ୍ରାରେ ସାମିଲ ହୋଇ ଜିଭ, ପେଟରେ କଣ୍ଟା ଫୋଡାଇଥାନ୍ତି। ଶହ ଶହ ଶ୍ରଦ୍ଧାଳୁ ମା'ପଞ୍ଚଘଟଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହ କୁକୁଡ଼ା ବଳି ପକାଇ ପୂଜାପରେ ପାଟୁଆମାନେ ଜିଭ, ପେଟ ଓ ଅଣ୍ଟାରେ କଣ୍ଟା ଫୋଡାଇ ଗାଁ ଗାଁକୁ ବୁଲି ମାଜଣା କରିଥିଲେ। ପୂର୍ବରୁ ଉଡ଼ାଯାତ୍ରା ଓ ନିଆଁ ଉପରେ ଚାଲିବା ଉତ୍ସବ ଥିବାବେଳେ ଏବେ ତାହା ବନ୍ଦ କରିଦିଆଯାଇଛି। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରେ ଲୋକଙ୍କ ସମାଗମ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଲୋକଙ୍କ ବିଶ୍ୱାସ ରହିଥାଏ ବୋଲି କହିଥାନ୍ତି।

## ପଦ୍ମପୁରର କୋଇଲିଙ୍କୁ ମିଳୁନି ଆବାସ ଘର

# ପର ଦୁଆରେ ମୁଣ୍ଡ ଗୁଞ୍ଜୁଛନ୍ତି ବୃଦ୍ଧା

**ଆନନ୍ଦପୁର, ୧୫।୪(ସମିସ)**

ଆବାସ ଯୋଜନାରେ ଅସହାୟ ଗରିବ ଓ ଝାଟିମାଟି ଘର ଥିବା ପରିବାରଙ୍କୁ ପ୍ରାଥମିକତା ଭିତ୍ତିରେ ଆବାସ ଯୋଜନା ଯୋଗାଇ ଦେବାକୁ ସରକାର ମାର୍ଗଦର୍ଶିକା ଜାରି କରିଥିଲେ ମଧ୍ୟ ତଳସ୍ତରରେ ଥିବା ବିଭାଗୀୟ ଅଧିକାରୀମାନେ ଏହାକୁ ଅବମାନନା କରୁଥିବା ମନେ ହୋଇଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ପଦ୍ମପୁର ଗ୍ରାମରେ। ଏହି ଗ୍ରାମର ୨ନଂ ଓ୍ୱାର୍ଡର ଜନୈକା ବିଧବା ବୃଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ



ହୋଇଛନ୍ତି। ସରକାର ଗରିବ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା ପାଇଁ ଯୋଜନା କରିଥିବା ବେଳେ ସ୍ୱଚ୍ଛଳବର୍ଗର ଲୋକମାନଙ୍କୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଇ ଗରିବ ଲୋକମାନଙ୍କୁ ଏଥିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ ହୋଇଛି। ପଦ୍ମପୁର ପୁରୁଣା ସାହିର ବାସିନ୍ଦା ବିଧବା ବୃଦ୍ଧା କୋଇଲି ଖଟୁଆ ଏକ ଭଙ୍ଗା କୁଡିଆ ଘରେ ଦୀର୍ଘଦିନ ଧରି ବିପଦ୍‌ଜନକ ଅବସ୍ଥାରେ ରହୁଥିବା ବେଳେ ବର୍ଷା ହେଲେ ଘର ଛାଡି ପରଦୁଆରେ ଆଶ୍ରୟ ନେଇଥାନ୍ତି। ଆବାସ ଯୋଜନା ପାଇଁ ପୌରକାର୍ଯ୍ୟାଳୟରେ ପ୍ରାୟ ୩ ବର୍ଷ ତଳୁ ଆବେଦନ କରିଥିଲେ ମଧ୍ୟ ତାଙ୍କ ନାମ ସାମାଜିକ ଅର୍ଥନୈତିକ ସର୍ଭେ ତାଲିକାରେ ନଥିବା ଚିନ୍ତାର କାରଣ ହୋଇଛ। ଏନେଇ ସ୍ଥାନୀୟ କାଉନସିଲଙ୍କଠାରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଆବାସ ଯୋଜନା ଏଯାଏ ପାଇନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୟସାଧିକ ଯୋଗୁ ସେ ବିଭିନ୍ନ ସରକାରୀ ଦପ୍ତରିକୁ ଯାଇ ଆସି ପାରୁନଥିବା ବେଳେ ତାଙ୍କୁ ସହଯୋଗ ମିଳୁନଥିବାରୁ ସେ ହତାଶ ହୋଇପଡ଼ିଥିବା ଜଣାଯାଇଛି। ଏଣୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ବିଧବା ମହିଳାଙ୍କୁ ଆବାସ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ତେଲକୋଇ ପାଇଁ ବିଜେଡିର ୪ ସଂଯୋଜକ

**ତେଲକୋଇ, ୧୫।୪(ସମିସ):** ଆଗକୁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ବିଜୁ ଜନତା ଦଳ ତୃଣମୂଳ ସ୍ତରରେ ନିଜ ସ୍ଥିତିକୁ ମଜଭୁତ କରିବା ପାଇଁ ଆଉ ପାଦେ ଆଗକୁ ଯାଇଛି। ବ୍ଲକସ୍ତରରେ ମାଳମାଳ ବ୍ଲକ ସଂଯୋଜକ ନିଯୁକ୍ତି କରାଯାଉଛି। ଏହି କ୍ରମରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ଚାରି ଜଣ ବ୍ଲକ ସଂଯୋଜକ ନିଯୁକ୍ତି ହୋଇଥିବା ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସଞ୍ଜୀବ ବେହେରା, ପ୍ରଦୀପ ପ୍ରଧାନ, ରମାକାନ୍ତ ବିଶ୍ୱାଳ ଓ ନୀଳାମ୍ବର ପ୍ରଧାନ ବିଜୁ ଜନତା ଦଳ ତେଲକୋଇ ବ୍ଲକ ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି। ସମସ୍ତ କର୍ମକର୍ତ୍ତା ଅନୁଗୁଳ ଜିଲ୍ଲା ପାଲଲହଡା ବ୍ଲକର ହୋଇଥିବା ସୂଚନା ରହିଛି।

# ଡାକ କର୍ମଚାରୀଙ୍କ ଭୋଟର ସଚେତନତା ଅଭିଯାନ




**ଚମ୍ପୁଆ, ୧୫।୪(ସମିସ):** ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟ ଦେଇ ଦେଶକୁ ସୁରକ୍ଷିତ କରିବା ଲକ୍ଷ୍ୟ ନେଇ ଚମ୍ପୁଆ ଉପଡ଼ାକଘରର କର୍ମଚାରୀମାନଙ୍କ ଦ୍ୱାରା ଭୋଟର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭୋଟ ଦିଅନ୍ତୁ ଗଣତନ୍ତ୍ରକୁ ସଦୃଢ଼ କରନ୍ତୁ, ନିର୍ବାଚନର ପର୍ବ ଦେଶର ଗର୍ବ, ୨୦୨୪ ନିର୍ବାଚନରେ ଭୋଟ ଦାନ କରନ୍ତୁ ସ୍ଲୋଗାନ ଦେଇ ଡାକ କର୍ମଚାରୀମାନେ ପଦଯାତ୍ରାରେ ସହର ପରିକ୍ରମା କରିଥିଲେ। ଡାକ ନିରୀକ୍ଷକ ଚମ୍ପୁଆ ପିତାମ୍ବର ଦଣ୍ଡସେନା, ଶଙ୍କର ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୧୫ ଜଣରୁ ଅଧିକ କର୍ମଚାରୀ ଏବଂ ଗ୍ରାମୀଣ ଡାକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୨୦୨୪ ନିର୍ବାଚନରେ ଭୋଟ ହାର ବୃଦ୍ଧି କରିବା ବିଶେଷ ଭାବରେ ଯୁବପିଢିମାନଙ୍କୁ ଭୋଟ ଦାନ କ୍ଷେତ୍ରରେ ସଚେତନତା କରିବା ଅଧିକରୁ ଅଧିକ ଭୋଟଦାନ କରି ଗଣତନ୍ତ୍ରକୁ ସଦୃଢ଼ କରିବା ଏବଂ ନିରପେକ୍ଷ ଭାବେ ଭୋଟ ଦାନ କରିବା ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟ ଦେଇ ଦେଶ ଓ ଜାତିକୁ ସୁରକ୍ଷିତ ରଖିବା ଲକ୍ଷ୍ୟ ନେଇ ଏହି ସଚେତନତା ଅଭିଯାନ କରାଯାଇଥିଲା।

# ଗାଧୋଇବାକୁ ଯାଇଥିବା ବେଳେ ବୃଦ୍ଧଙ୍କ ମୃତ୍ୟୁ

**ହାଟଡ଼ିହୀ, ୧୫।୪(ସମିସ):** ନନ୍ଦିପଦା ଥାନା ଅଧୀନ ବଡ଼ତୀରା ଗ୍ରାମର ଗଣନାଥ ନାୟକ(୬୫) ଆଜି ଦିନବେଳା ଗାଁ ନିକଟସ୍ଥ କେନାଲକୁ ଗାଧୋଇବାକୁ ଯାଇ ବହୁତ ସମୟ ଯାଏଁ ଫେରିନଥିଲି। ତାଙ୍କ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଅନେକ ଖୋଜାଖୋଜି କରି ଅପରାହ୍ଣ ସମୟରେ ତାଙ୍କୁ କେନାଲ ନିକଟରୁ ମୃତ ଅବସ୍ଥାରେ ପାଇଥିଲେ। ତେବେ ଅତ୍ୟଧିକ ତାପମାତ୍ରା ଯୋଗୁଁ ଗଣନାଥଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ଜଣାଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି।

# ଟାଟାପାୱାର କାର୍ଯ୍ୟାଳୟରେ ପଡ଼ିଲା ତାଲା



**ତେଲକୋଇ, ୧୫।୪(ସମିସ):** ଦୀର୍ଘ ଦିନ ହେବ ଗାଁରେ ପୋଡିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ନ ଲଗାଇବାରୁ ଟାଟାପାୱାର କାର୍ଯ୍ୟାଳୟରେ ତାଲା ପକାଇଲେ ପଙ୍ଗା ଗାଁ ବିଦ୍ୟୁତ ଉପଭୋକ୍ତା। ଫଳରେ ଗାଁରେ ପାନୀୟ ଜଳ ସହିତ ରାତିରେ ଶୋଇବା କଷ୍ଟକର ହୋଇପଡୁଛି। ଟ୍ରାନ୍ସଫର୍ମର ପୋଡିଯିବା ଫଳରେ ବସୁଧା ଯୋଜନାରେ ଗାଁକୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ବନ୍ଦ ରହିଛି। ଲୋକେ ସମାକୋଇ ନଦୀରୁ ଚୁଆ ଖୋଳି ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ସେପଟେ ତାପମାତ୍ରା ବୃଦ୍ଧି ଯୋଗୁଁ ଲୋକଙ୍କୁ ଦିନରାତି ଗରମରୁ ତ୍ରାହି ମିଳୁନାହିଁ। ଏନେଇ ବାରମ୍ବାର ଟିପିଏନ୍‌ଓଡିଏଲ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଉପଭୋକ୍ତା ଅଭିଯୋଗ କରିଛନ୍ତି। ବିଦ୍ୟୁତ ଦେୟ ନଦେଲେ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ କାଟି ଦେଉଥିବା ବେଳେ ଟାଟାପାୱାର ଟ୍ରାନ୍ସଫର୍ମର ପୋଡିଗଲେ ଲୋକଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ନବ ନିର୍ମାଣ କୃଷକ ସଙ୍ଗଠନର ପ୍ରଚାର ଆରମ୍ଭ

**ଡୁରୁମୁଙ୍ଗା, ୧୫।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡ଼ା ମୁଖ୍ୟାଳୟରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦଳୀୟ ବିଧାୟକ ପ୍ରାର୍ଥୀ ଦୀପକ ନାଏକଙ୍କ ପାଇଁ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ପ୍ରଚାର ଆରମ୍ଭ କରିଛନ୍ତି। ଏଥିପାଇଁ ପୁରୁଷ ଓ ମହିଳା ଗୋରାଣ୍ଡିଯୋଡି ନିକଟରୁ ଏକ ବିଶାଳ ରାଲିରେ ଆସି ସାହାରପଡ଼ା ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲେ। ଆୟୋଜିତ ସଭାରେ ଚାଷୀଙ୍କ ପାଇଁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଭଳି ମୁଦ୍ଦାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ଆଗାମୀ ନିର୍ବାଚନ ଲଢ଼ିବା ସହ ବିଧାୟକ ପ୍ରାର୍ଥୀ ଦୀପକ କୁମାର ନାଏକଙ୍କୁ ଅଧିକ ସମର୍ଥନ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ।



ଆୟୋଜିତ ସଭାରେ ସହ ସଂଯୋଜକ ଉମାକାନ୍ତ ଭାରତ, ସଦର ବିଧାୟକ ପ୍ରାର୍ଥୀ ଜୀବନ ସିଂ ମୁଣ୍ଡା, ଜିଲ୍ଲା ସଭାପତି ଲକ୍ଷ୍ମୀଧର ପ୍ରଧାନ ଜିଲ୍ଲା ସଂଯୋଜକ ଇନ୍ଦ୍ରମଣି ବିଶ୍ୱାଳ, ଜିଲ୍ଲା ଯୁବ ସଭାପତି ସ୍ମୃତିରଞ୍ଜନ ମହାନ୍ତ, ଜିଲ୍ଲା ସହ ସଂଯୋଜକ ଦୁର୍ଯ୍ୟୋଧନ ମହାନ୍ତ, ଜିଲ୍ଲା ମହିଳା ସଭାପତି ବିଳାସ ମହାନ୍ତ, ସାହାରପଡ଼ା ବ୍ଲକ ସଭାପତି ବିରେନ୍ଦ୍ର ମହକ୍ଷନ୍ତ ପ୍ରମୁଖ ଚାଷ ଜମିକୁ ଜଳସେଚନ ସ୍ୱାସ୍ଥ୍ୟ, ମାଗଣା ଶିକ୍ଷା, ଧାନ ମଣ୍ଡିରେ କଟଣି ଛଟଣି ବନ୍ଦ ପାଇ ଆଞ୍ଚଳିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟରଞ୍ଜନ ମହାନ୍ତ, ତରଣୀ ମହାନ୍ତ, ରାଜବଲ୍ଲବ ମିଶ୍ର, ରମାକାନ୍ତ ମହାନ୍ତ, ନବକିଶୋର ମହାନ୍ତ ମାଧୁରୀ ମହାନ୍ତ ଓ କୌଶଲ୍ୟା ମହାନ୍ତ ସାମିଲ ହୋଇଥିଲେ।

# ଆନନ୍ଦପୁରରେ ପ୍ରାର୍ଥୀ ହେଲେ ଜୟଦେବ

**ସୋସୋ, ୧୫।୪(ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳିର କଂଗ୍ରେସର ପ୍ରାର୍ଥୀ ହେଲେ ଜୟଦେବ ଜେନା। ଜୟଦେବଙ୍କ ଘର ହାଟଡିହି ବ୍ଲକ ମରେଗାଁ ପଞ୍ଚାୟତ ସଙ୍ଗଣା ଗ୍ରାମର। ସେ ୧୯୮୦ରୁ ପ୍ରଥମେ ବିଧାୟକ ଭାବେ ନିର୍ବାଚତ ହୋଇ ରାଜନୀତି କ୍ଷେତ୍ରରେ ପ୍ରବେଶ କରିଥିଲେ। ସେ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇ କଂଗ୍ରେସ



ସରକାରଙ୍କ ସମୟରେ ଗଣଶିକ୍ଷାମନ୍ତ୍ରୀ ହୋଇ ରାଜ୍ୟ ରାଜନୀତିରେ ନିଜର ପରିଚୟ ସୃଷ୍ଟି କରିଥିଲେ। ପିପିସି ସଭାପତି ଭାବେ ୨ଥର ମନୋନୀତ ହୋଇଥିବା ବେଳେ ୨ଟି ରାଜ୍ୟର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଆଜି ସକାଳୁ କର୍ମୀ ସଙ୍ଗଣା ବାସଭବନରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ● ମନସ୍ତାପରେ ମେଧା ଛାତ୍ରଛାତ୍ରୀ

# ଡିଏମ୍‌ଏଫ୍ ଛାତ୍ରବୃତ୍ତିର ସ୍ୱତନ୍ତ୍ର ପରୀକ୍ଷା ପାଇଁ ଦାବି

**ଆନନ୍ଦପୁର, ୧୫।୪(ସମିସ):** ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ମାଟ୍ରିକ) ରେ କୃତିତ୍ୱ ଅର୍ଜନ କରୁଥିବା ଛାତ୍ରଛାତ୍ରୀଙ୍କୁ କେନ୍ଦୁଝର ଜିଲ୍ଲା ଖଣିଜପାଣ୍ଠିରୁ ଦିଆଯାଉଥିବା ଛାତ୍ରବୃତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେନ୍ଦୁଝର ଜିଲ୍ଲା ପ୍ରଶାସନର ଏପରି ଯୁଗାନ୍ତକାରୀ ନିଷ୍ପତି ଯୋଗୁ ଅନେକ ମେଧାବୀ ଓ ଗରିବ ଛାତ୍ରଛାତ୍ରୀ ଉତ୍ସାହିତ ହେଉଥିବା ବେଳେ ଅନେକ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତିଅର୍ଥ ବେଶ୍ ସହାୟକ ହୋଇଥିବା ଜଣାଯାଇଛି। ସେହିପରି ମାଧମିକ ସ୍ତରରେ ଏହି ବୃତ୍ତି ଛାତ୍ରଛାତ୍ରୀଙ୍କୁ ନିଷ୍ଠାର ସହିତ ଅଧ୍ୟୟନ କରିବା ପାଇଁ ପ୍ରୋତ୍ସାହିତ କରିଛି। ହେଲେ ଏହି ଛାତ୍ରବୃତ୍ତିକୁ ଆପଣାଇବା ପାଇଁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା କେନ୍ଦ୍ରମାନଙ୍କରେ କେତେକ ଅଭିଭାବକ ଓ ପରୀକ୍ଷାକେନ୍ଦ୍ର ସଞ୍ଚାଳକ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କ ନିକଟ ସମ୍ପର୍କୀୟ ମାନଙ୍କୁ କପି ଯୋଗାଇବାକୁ ତତ୍ପର ହୋଇପଡ଼ିଥିବା ପରିଲକ୍ଷିତ ହୋଇଥିଲା। ଚଳିତବର୍ଷ ପରୀକ୍ଷାରେ ଏପରି କାର୍ଯ୍ୟକଳାପ ଯୋଗୁ ଅନେକ ମେଧାବୀ ଛାତ୍ରଛାତ୍ରୀ ମନସ୍ତାପରେ ଥିବା ଆଲୋଚନାରୁ ଜଣାଯାଇଛି। ଏସବୁ ଦୃଷ୍ଟିରୁ ଜିଲା ଖଣିଜ ପାଣ୍ଠି ଛାତ୍ରବୃତି ପାଇଁ ଜିଲ୍ଲାସ୍ତରରେ ଏକ ସ୍ୱତନ୍ତ୍ର ପରୀକ୍ଷା କରାଗଲେ ପ୍ରକୃତ ମେଧା ଛାତ୍ରଛାତ୍ରୀ ଏହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ଉପକୃତ ହୋଇପାରନ୍ତେ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଗତ ୨୦୧୮ ମସିହାରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ବୃତ୍ତି ଯୋଜନା କେବଳ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ମାଟ୍ରିକ ପରୀକ୍ଷା ସମୟରେ ପରୀକ୍ଷାକେନ୍ଦ୍ର ମାନଙ୍କରେ ଅଭିଭାବକମାନଙ୍କ ଗହଳି ଲାଗି ରହୁଥିବା ନଜିର ରହିଛି। ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ କେନ୍ଦ୍ର ସମ୍ମୁଖରେ ଏତେ ସଂଖ୍ୟକ ଜନଗହଳିକୁ ନେଇ ପରୀକ୍ଷାର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ କେନ୍ଦୁଝର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି।

# ଘସିପୁରାରୁ ଲଢ଼ିବେ ସୁବ୍ରତ ଚକ୍ର

**ରାମଚନ୍ଦ୍ରପୁର, ୧୫।୪(ସମିସ):** ଘସିପୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ସୁବ୍ରତ ଚକ୍ରଙ୍କ ନାଁ ଘୋଷଣା ହେବା ପରେ ସ୍ଥାନୀୟ କଂଗ୍ରେସ କର୍ମୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି। ସୁବ୍ରତ ନୂଆ ମୁହଁ ତଥା ଯୁବ ଚେହେରା ଭାବେ ଘସିପୁରାରୁ ଟିକଟ ପାଇଛନ୍ତି। ଏଠାରେ କଂଗ୍ରେସ ତା'ର ପ୍ରାର୍ଥୀ ବଦଳାଇ ନୂଆ ତଥା ଯୁବ ଚେହେରା ଉପରେ ଭରସା କରିଛି। ତାଙ୍କ ନେତୃତ୍ୱକୁ ବିଶ୍ୱାସ କରି ନିର୍ବାଚନ ଲଢ଼ିବା ପାଇଁ ଗୁରୁ ଦାୟୀତ୍ୱ ଦେଇଥିବାରୁ ନିରଞ୍ଜନ ପଟ୍ଟନାୟକ ତଥା କଂଗ୍ରେସ ମୁଖିଆଙ୍କୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି। ସୁବ୍ରତ ଆଜି ଘଟଗାଁ



ମା'ତାରିଣୀଙ୍କୁ ଦର୍ଶନ କରିବା ପରେ ଘସିପୁରା କଂଗ୍ରେସ କାର୍ଯ୍ୟାଳୟରେ ଦଳୀୟ କର୍ମୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଘସିପୁରା କଂଗ୍ରେସର କିଛି କର୍ମୀ ଦଳିୟ ନିଷ୍ପତିରେ ଅସନ୍ତୁଷ୍ଟ ହୋଇ ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଖବର ନଜରକୁ ଆସିଛି। ପୂର୍ବରୁ ସେ କଂଗ୍ରେସ ବ୍ଲକ ସଭାପତି ଭାବେ ରହି ସଂଗଠନକୁ ସୁଦୃଢ଼ କରିବାରେ ଲାଗିପଡ଼ିଥିଲେ। ପୂର୍ବରୁ ଏହି ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ନିର୍ବାଚନରେ ପ୍ରତ୍ୟକ ଥର ବିଜେଡିର ବଦ୍ରି ପାତ୍ର ବନାମ ନିରଞ୍ଜନ ପଟ୍ଟନାୟକଙ୍କ ମଧ୍ୟରେ ଲଢେଇ ଦେଖିବାକୁ ମିଳିଥାଏ; କିନ୍ତୁ ଚଳିତ ଥର

# ଗୁହାଳଗଡ଼ିଆରେ ମଙ୍ଗଳା ମନ୍ଦିର ପ୍ରତିଷ୍ଠା

**ହାଟଡ଼ିହୀ, ୧୫।୪(ସମିସ):** ହାଟଡ଼ିହୀ ବ୍ଲକ ବଡ଼ରମ୍ପାସ ପଞ୍ଚାୟତ ଗୁହାଳଗଡ଼ିଆ ଗ୍ରାମର ଗ୍ରାମଦେବତୀ ମା' ମଙ୍ଗଳାଙ୍କର ଏକ ନୂତନ ମନ୍ଦିର ପ୍ରତିଷ୍ଠା ସହ ଚଣ୍ଡିପାଠ ମହାଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛିଫ ଶନିବାର ଅପରାହ୍ଣରେ କଳସଧାରୀମାନେ ଜଳପୂର୍ଣ୍ଣ କଳସ ଶୋଭାଯାତ୍ରା ପୂର୍ବକ ନଗର ପରିକ୍ରମା କରି ମନ୍ଦିର ମଣ୍ଡପର ଆସ୍ଥାନରେ କଳସ ସ୍ଥାପନ କରିଥିଲେ। କଳସ ସ୍ଥାପନରେ ପୁଷ୍ପାରାଣୀ ଖୁଣ୍ଟିଆ, ସୋନାଲି ଜେନା, ଝରଣା ଜେନା, ନମିତା ଜେନା, ସନ୍ଧ୍ୟାରାଣୀ ପରିଡ଼ା, ଝରଣା ଖୁଣ୍ଟିଆ, ପୁଷ୍ପାଞ୍ଜଳି ଜେନା, ସବିତା ପରିଡ଼ା, ଲିଜାରାଣୀ ଖୁଣ୍ଟିଆ, ବାସନ୍ତୀ ଜେନା, ସୁପ୍ରଭା ଜେନା, ଲିପାରାଣୀ ପରିଡ଼ା ପ୍ରମୁଖ କଳସ ସ୍ଥାପନ ସ୍ଥଳୀରେ କଳସ ପୂଜନ କରିଥିଲେ। ଯଥା ରୀତିନୀତି ଅନୁସାରେ ପଣ୍ଡିତ ମଦନ ପଣ୍ଡା ଓ ଯୁଧିଷ୍ଠିର ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମାୟାଧର ଖୁଣ୍ଟିଆ ଓ ତାଙ୍କ ଧର୍ମପତ୍ନୀ ସେବତୀ ଖୁଣ୍ଟିଆ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ରବିବାର ଚଣ୍ଡିପାଠ ସହ ଗୀତାଯଜ୍ଞ ହୋଇଥିଲା। ସୋମବାର ଗ୍ରାମଦେବତୀ ମା' ମଙ୍ଗଳାଙ୍କ ମନ୍ଦିର ପ୍ରବେଶ ଓ ଚଣ୍ଡୀପାଠ ସହ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଛି। ମନ୍ଦିରର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମଟି ଗ୍ରାମର ନାରାୟଣ ଖୁଣ୍ଟିଆ, ଅକ୍ଷୟ କୁମାର ଜେନା, ଶଙ୍କର୍ଷଣ ଜେନା, ରବୀନ୍ଦ୍ର କୁମାର ଜେନା, ନିରଞ୍ଜନ ଜେନା, ପ୍ରଭାକର ପରିଡ଼ା, ନିତ୍ୟାନନ୍ଦ ଜେନା, ମଧୁସୂଦନ ଜେନା, ଗରୁଡ଼ ଜେନା



ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ମନ୍ମଥ ଜେନା ଓ ଜ୍ୟୋତି ରଞ୍ଜନ ଜେନା ପରିଚାଳନା କରିଥିଲେ ଏବଂ ଗ୍ରାମର ଗାଙ୍ଗୁଲି ଚରଣ ଜେନା, ପବିତ୍ର ଜେନା, ସୁରେନ୍ଦ୍ର ଜେନା, ସୁଦର୍ଶନ ଜେନା, ଦେବେନ୍ଦ୍ର କୁମାର ଜେନା, ଭଗବାନ ଅଶୋକ ଜେନା, ଶୁଭେନ୍ଦୁ ଜେନା ପ୍ରମୁଖଙ୍କ ସହଯୋଗ କ୍ରମେ ପୂଜାକାର୍ଯ୍ୟ ସମ୍ପାଦନ ହୋଇଥିଲା ବେଳେ ଏଥିରେ ଗ୍ରାମବାସୀ ଭରପୁର ସାହାଯ୍ୟ ସହଯୋଗ କରି ମନ୍ଦିର ପ୍ରତିଷ୍ଠା ଉତ୍ସବଟିକୁ ଖୁବ୍ ଆଡ଼ମ୍ବର ସହକାରେ ପାଳନ କରିଥିଲେ।

# ବିସ୍ଥାପିତ କଲୋନୀରେ ମା' ବାସୁଳୀଙ୍କ ଚଇତି ପର୍ବ



**ଯୋଡ଼ା, ୧୫।୪(ସମିସ)**

ଯୋଡ଼ା ବ୍ଲକ ଅନ୍ତର୍ଗତ ଚମକପୁର ଗ୍ରାମରେ ଗତ ଚାରିଦିନ ଧରି ମା' ବାସୁଳୀ ଏବଂ ଶୀଖରେଶ୍ୱର ମହାଦେବଙ୍କ ମନ୍ଦିରରେ ଚାଲିଥିବା ଚଇତି ପର୍ବ ଉଦଯାପିତ ହୋଇଯାଇଛି। ୧୧ ଓ ୧୨ ତାରିଖରେ ଘଟ ସ୍ଥାପନ, ୧୩ ତାରିଖରେ ଗଡ଼ା ପର୍ବ ଅବସରରେ ମାନସିକଧାରୀମାନେ କଣ୍ଟାରେ ଗଡ଼ି ଥିବାବେଳେ ୧୪ ତାରିଖ ପୂଣ୍ୟତୋୟା ବୈତରଣୀ ନଦୀ କୂଳରେ ପୂଜାର୍ଚ୍ଚନା ସରିବା ପରେ ମାନସିକଧାରୀ ପ୍ରଥମେ ଦେହରେ କଣ୍ଟା ପୋଡ଼ି ହେବା ସହ ପରବର୍ତ୍ତୀ ସମୟରେ ରାଧାଚକ୍ର ଏବଂ ଉଡ଼ା ପର୍ବ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଏକଶତ ତିଂଶ ମୌଜା ମିଶି ଚମକପୁର ଦଣ୍ଡପାଟଟି ଗଠିତ ହୋଇଥିବା ବେଳେ ପୂର୍ବକାଳରେ ଏହା ରାଜାଙ୍କର ଗଡ଼ ଭାବେ ପରିଚିତ ଥିଲା। ଏଠାରେ ମା' ବାସୁଳୀ, ମା' ଦ୍ୱାରଶୁଣୀ, ମା' ହାତିଆଶୁଣୀ, ମା' ଗ୍ରାମ୍ୟଶ୍ରୀ, କୁଆଁରୀ ଦେବୀ, ଶୀଖରେଶ୍ୱର ମହାଦେବ, ସାହାରପାଟ ଓ ଧଉଳିପାଟ ତଥା ଗାଁ ଶାଳରେ ଅନେକ ଦେବାଦେବୀ ରହିଛନ୍ତି। ତେଣୁ ଗ୍ରାମରେ ବାର ମାସେ ତେର ପର୍ବ ପାଳନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। କାନୁପୁର ବୃହତ ଜଳସେଚନ ପ୍ରକଳ୍ପ ଦ୍ୱାରା ଚମକପୁର ଗ୍ରାମଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇ ୨୦୨୧ ମସିହାରେ ଗ୍ରାମ୍ୟ ଉଚ୍ଛେଦ ପରେ ପ୍ରକଳ୍ପ ଜରିଆରେ ନିକଟସ୍ଥ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତର ଆଙ୍ଗୁଳିଆ ଗ୍ରାମଠାରେ ଶତାଧିକ ପରିବାରଙ୍କୁ ୧୦ ଡେସିମିଲି ଲେଖାଏଁ ଘରଡ଼ିହ ଯୋଗାଇ ଦିଆଯାଇଥିଲା।

ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ମା' ବାସୁଳୀଙ୍କ ମନ୍ଦିରରେ ପୂଜାବିଧି ସମ୍ପନ୍ନ ହେଉଥିବା ବେଳେ ଶୀଖରେଶ୍ୱର ମହାଦେବଙ୍କ ମନ୍ଦିରରେ ମାନସିକଧାରୀ ମାନେ ଶିଥିଳ ହୋଇଥାନ୍ତି। ଉକ୍ତ ଦିନମାନଙ୍କରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସେଠାରେ ପହଞ୍ଚି ପୂଜା ଅର୍ଚ୍ଚନା କରିଥିଲେ। ମା' ବାସୁଳୀ ମେଳା କମିଟିର ଉପଦେଷ୍ଟା ରାମା ପାତ୍ର, ଉପ ସଭାପତି ଈଶ୍ୱର ଚନ୍ଦ୍ର ନାଏକ, ସମ୍ପାଦକ ପୁରୁଷୋତ୍ତମ ନାଏକ, କୋଷାଧ୍ୟକ୍ଷ ଲିଙ୍ଗରାଜ ନାଏକ, ଅମର ନାଏକ, ଚୌଧୁରୀ ନାଏକ, ତପନ ଦାସ, ଚିନ୍ମୟ ଦାସ, ପ୍ରକାଶ କାଣ୍ଡି, କନ୍ଦର୍ପ ବାରିକ, ମଙ୍ଗଲୁ ନାଏକ, ଶରତ ନାଏକ, ପିନୁ ଦାସ, ମନ୍ମଥ ବେହେରା, ଦୁଷ୍ମନ୍ତ ବେହେରା, ବିକାଶ ନାଏକ, ସାନ ନାଏକ, ପ୍ରିତମ୍ ମହାରଣା, ସାଗର ନାଏକ, ଜିତେନ୍ଦ୍ର ବେହେରା, ଅଞ୍ଜନ ଦାସ, ହୃଷୀ ନାଏକ, ଅର୍ଜୁନ ବେହେରା, ହିରଣ୍ୟ କାଳନ୍ଦୀ, ସଞ୍ଜୟ କାଳନ୍ଦୀ, ଜଳଧର କାଳନ୍ଦୀ ତଥା ଗ୍ରାମବାସୀମାନେ ସହଯୋଗ କରିଥିଲେ। ପୂଜକ ଭାବେ ଦୁଷ୍ମନ୍ତ ଦାସ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ତାଙ୍କୁ ଚିନ୍ତାମଣି କାଣ୍ଡି ଓ ଦୁଃଖବନ୍ଧୁ ନାଏକ ସହଯୋଗ କରିଥିଲେ।

# ଗ୍ରାମଶ୍ରୀ ଠାକୁରାଣୀଙ୍କ ପୀଠରେ ଭଜନସନ୍ଧ୍ୟା

**କେନ୍ଦୁଝର, ୧୫।୪(ସମିସ):** କେନ୍ଦୁଝର ସହରର ସାମନ୍ତରାୟପୁର ଶାସନରେ ବିରାଜିତା ଗ୍ରାମଶ୍ରୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଓ ଆଧାତ୍ମିକ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ




ହୋଇଯାଇଛି। ଶ୍ରୀଶ୍ରୀ ଗ୍ରାମଶ୍ରୀ ଠାକୁରାଣୀ ସାଂସ୍କୃତିକ ସଂସ୍ଥା ଓ ସାମନ୍ତରାୟପୁର ଅଭ୍ୟର୍ଥନା କମିଟି ତରଫରୁ ଆୟୋଜିତ ଭଜନ ସନ୍ଧ୍ୟାରେ ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀ ଗଗନ ଜେନା, ବିଶ୍ୱଜିତ ଆଚାର୍ଯ୍ୟ ପ୍ରମୁଖ ଭଜନ ପରିବେଷଣ କରିଥିବା ବେଳେ ମନୋଜ ସାହୁ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ। ବରିଷ୍ଠ ନାଗରିକ ରାମନାରାୟଣ ଦ୍ୱିବେଦୀ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭରତ ପାତ୍ର ସାମନ୍ତରାୟପୁରର ପ୍ରେମାନନ୍ଦ ଦାଶ, ଗ୍ରାମଶ୍ରୀ ଠାକୁରାଣୀ କମିଟି ସଭାପତି ଦୀପକ ମିଶ୍ର, ଜିଲ୍ଲା ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଉପଦେଷ୍ଟା ଗୁରୁଚରଣ ନାଏକ, ଅୟସକାନ୍ତ ପଟ୍ଟନାୟକ, ଶଶୀକାନ୍ତ ଦାସ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ନଗରପାଳ ମିନା ମାଝୀ ନିଜର ବକ୍ତବ୍ୟ ରଖିଥିଲେ। କେନ୍ଦୁଝର ସଦର ବିଧାୟକ ମୋହନ ମାଝୀ ଓ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମକୁ ସତ୍ୟଜିତ ମିଶ୍ର ଉପସ୍ଥାପନ କରିଥିଲେ। ପରିଚାଳନାରେ ପ୍ରମୋଦ ନାଏକ, ନିତ୍ୟାନନ୍ଦ ଦାଶ, ଅଜୟ କୁମାର ମିଶ୍ର, ରବୀନ୍ଦ୍ର ନାଏକ, ପୂର୍ବତନ କାଉନସିଲର ଭୁବନ ନାଏକ ଓ ୭ନମ୍ବର ୱାର୍ଡର କାଉନସିଲର ଅବିନାଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ପଣା ବିତରଣ କରାଯାଇଥିଲା।

